
ଧରିତ୍ରୀ
DHARITRI
September 22-28, 2024 ₹ 2/-

ଧରିତ୍ରୀ 50 Years

# ଛୁଟିଦିନ



# ବଜ୍ର କବଚ

ପ୍ରଚ୍ଛଦ ପ୍ରସଙ୍ଗ

୩

ବଜ୍ରପାତକୁ ରୋକେ ତାଳଗଛ । କିନ୍ତୁ ତାଳଗଛର ସଂଖ୍ୟା କମି କମି ଚାଲିଛି; ଯାହା ଚିନ୍ତା ବଢାଇଛି ପରିବେଶ ପ୍ରେମୀଙ୍କର । ଯେଉଁଥିପାଇଁ ନିଜସ୍ୱ ପ୍ରୟାସରେ କାହିଁ କେବେଠାରୁ ସେମାନେ ଲଗାଇ ଆସୁଛନ୍ତି ତାଳଗଛ..

## ବାସ୍ତୁ ଅନୁସାରେ ପିଲାଙ୍କ ରୁମ୍

କୁହାଯାଏ, ବାସ୍ତୁ ଅନୁଯାୟୀ ପିଲାମାନଙ୍କ ରୁମ୍ ହୋଇଥିଲେ ସେମାନଙ୍କୁ ଭଲ ନିଦ ହେବା ସହ ସେମାନଙ୍କ ସ୍ମରଣ ଶକ୍ତି ପ୍ରଖର ହୋଇଥାଏ। ଏଥିସହିତ ପାଠପଢ଼ା ପାଇଁ ତାଙ୍କ ଭିତରେ ଏକାଗ୍ରତା ମଧ୍ୟ ଆସିଥାଏ। ତେବେ ବାସ୍ତୁ ଅନୁସାରେ କେମିତି ହେବା ଦରକାର ପିଲାଙ୍କ ରୁମ୍, ଆସନ୍ତୁ ଜାଣିବା ସେ ସମ୍ପର୍କରେ...



*ବାସ୍ତୁଶାସ୍ତ୍ର ଅନୁଯାୟୀ, ଛୋଟ ପିଲାଙ୍କର ବେଡ୍‌ରୁମ୍ ପଶ୍ଚିମ ଦିଗରେ କଲେ ଏହାର ଅନେକ ସୁ-ପ୍ରଭାବ ସେମାନଙ୍କ ଉପରେ ପଡ଼ିଥାଏ।

*ପିଲାଙ୍କ ବେଡ୍‌ରୁମ୍‌ର ଦକ୍ଷିଣ ପାର୍ଶ୍ୱରେ ସେମାନଙ୍କ ବେଡ୍ ପକାଇବା ଦରକାର। ଆଉ ଏହି ବେଡ୍‌କୁ କାନ୍ଥରେ ପୁରା ଲଗାଇ କାନ୍ଥରୁ ଟିକେ ଛାଡ଼ିକି ରଖିଲେ ଏହାର ଅନେକ ଭଲ ପ୍ରଭାବ ସେମାନଙ୍କ ମାନସିକତା ଉପରେ ପଡ଼ିଥାଏ।

*ପିଲାଙ୍କ ବେଡ୍‌ରୁମ୍‌ରେ ଲାଗିଥିବା କବାଟ ଉତ୍ତର କିମ୍ବା ପୂର୍ବ ଦିଗରେ ରହିବା ଆବଶ୍ୟକ ଏବଂ କବାଟର ଠିକ୍ ବିପରୀତ ଦିଗରେ ଝରକା ରହିଲେ ଅତି ଉତ୍ତମ ହୋଇଥାଏ।

*କୁହାଯାଏ, ପିଲାଙ୍କ ରୁମ୍ ପାଇଁ ସବୁଠୁ ଭଲ ରଙ୍ଗ ହେଉଛି ସବୁଜ। ଏହା ସେମାନଙ୍କୁ ଶାନ୍ତି ପ୍ରଦାନ କରିବା ସହ ମନରେ ସକାରାତ୍ମକ ଭାବନା ଆଣିଥାଏ।

*ସେହିପରି କୁହାଯାଏ, ଶୋଇବା ସମୟରେ ପିଲାମାନଙ୍କର ମୁଣ୍ଡ ପୂର୍ବ ଦିଗକୁ ରହିଲେ ସେମାନଙ୍କର ସ୍ମରଣ ଶକ୍ତି ବଢ଼ିଥାଏ।

*ପିଲାଙ୍କ ବେଡ୍‌ରୁମ୍‌ରେ ଥିବା ଷ୍ଟଡି ଟେବୁଲ୍‌କୁ ଏପରି ରଖିବା ଦରକାର, ଯେମିତିକି ସେଥିରେ ବସି ପଢ଼ିବା ସମୟରେ ସେମାନଙ୍କ ମୁହଁ ଉତ୍ତର କିମ୍ବା ପୂର୍ବ ଦିଗ ଅଥବା ଉତ୍ତର-ପୂର୍ବ ଦିଗ ଆଡ଼କୁ ରହୁଥିବ। କୁହାଯାଏ, ଏପରି କଲେ ପିଲାଙ୍କ ଭିତରେ ପଢ଼ିବା ପାଇଁ ଏକାଗ୍ରତା ବଢ଼ିଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ସେପ୍ଟେମ୍ବର ୨୨-୨୮

**ମେଷ**
ଉଦ୍ୟମ ନିଷ୍ଫଳ ହେବନାହିଁ, ସମସ୍ୟା ଅବଶ୍ୟ ରହିବ, ଆନୁସଙ୍ଗିକ ସାହାଯ୍ୟ ପାଇବେ, ସାହିତ୍ୟ କୃତିତ୍ୱ ପ୍ରଶଂସା, ଡାଇବେଟିସ୍ ନିୟନ୍ତ୍ରିତ ହେବ, ବ୍ୟବସାୟରେ ଉନ୍ନତି କରିବେ, ଯାତ୍ରା ସଫଳ ହେବ, ଆଶା ପୂରଣ ହେବ ॥

**ବୃଷ**
ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭ, ସାମାଜିକ ସମ୍ମାନପ୍ରାପ୍ତି, ପାରିବାରିକ ସୌହାର୍ଦ୍ଦ୍ୟ, ନୂତନ ପ୍ରୋଜେକ୍ଟ କାର୍ଯ୍ୟାରମ୍ଭ, ବନ୍ଧୁଙ୍କ ବିରୋଧ ହେବେ, ବିବାଦୀୟ ଘଟଣାରେ ସଫଳତା, ଯାନ୍ତ୍ରିକ ତ୍ରୁଟି ଯୋଗୁ ଅସୁବିଧା, ଧର୍ମକାର୍ଯ୍ୟ କରିବେ ॥

**ମିଥୁନ**
ବୌଦ୍ଧିକତାର ଅଭ୍ୟୁଦୟ, କୌଶଳପୂର୍ଣ୍ଣ କାର୍ଯ୍ୟାବଳୀ, ପ୍ରିୟଜନଙ୍କ ପରୋକ୍ଷ ଶତ୍ରୁତା, ନିର୍ମାଣାଧୀନ ଗୃହରେ ପ୍ରତିବନ୍ଧକ, ସହକର୍ମୀଙ୍କ ଚଞ୍ଚଳତା, ଦୂରଯାତ୍ରାର ଯୋଜନା, କ୍ରନିକ୍ ରୋଗରେ ପୀଡ଼ା, ଧନପ୍ରାପ୍ତି ଯୋଗ ॥

**କର୍କଟ**
ସୌଭାଗ୍ୟ ଫେରିବ, ପାରିବାରିକ ଶାନ୍ତି, ସମସ୍ୟାର ସମାଧାନ, ପରିସ୍ଥିତି ବଦଳିବ, ସମ୍ପର୍କୀୟଙ୍କ ସହ ମତାନ୍ତର, ଆନୁଷ୍ଠାନିକ କାମରେ ସାମିଲ୍, ମାଲିମକଦ୍ଦମାରେ ଦୁଶ୍ଚିନ୍ତା, ଚାକିରୀ ଅଫର୍ ପାଇବେ ॥

**ସିଂହ**
କାର୍ଯ୍ୟ ଦକ୍ଷତାରୁ ପ୍ରଶଂସା, ଶିଳ୍ପବାଣିଜ୍ୟରେ ଉନ୍ନତି, ସମସ୍ୟାର ପରିସମାପ୍ତି, ପ୍ରିୟବନ୍ଧୁଙ୍କ ସାନ୍ତ୍ୱନା ବାଣୀ, ଆବଶ୍ୟକତା ବୃଦ୍ଧି ପାଇବ, ବନ୍ଧୁଙ୍କ ଭୁଲ୍ ବୁଝାମଣା, ପାରିବେଶିକ ଚିନ୍ତା, ରାଜନୈତିକ ବିବାଦ, ସାହିତ୍ୟ ସଙ୍ଗୀତରୁ ସୁନାମ, ଦୂରଯାତ୍ରାର ସୁଯୋଗ ॥

**କନ୍ୟା**
ଶାରୀରିକ ଅସୁସ୍ଥତା, କଠୋର ଶ୍ରମ ଓ ଭ୍ରମଣ, ଏଜେନ୍ସିପ୍ ବଢ଼ିବ, ସାଂଗଠନିକ ସଭା, ଆଇନ ସହାୟତାପ୍ରାପ୍ତି, ବନ୍ଧୁଙ୍କ ନିଃସ୍ୱାର୍ଥପରତା, ଅତୀତ ଘଟଣାରୁ ଅନୁତାପ, ନିର୍ମାଣ ପୂର୍ଣ୍ଣାଙ୍ଗ ହେବ, ଭ୍ରାତୃ ସମ୍ପର୍କରେ ଅବନତି, ସନ୍ତାନ ହେତୁକ ଗୌରବ, ବିବାଦୀୟ ଘଟଣାରେ ବିଜୟ ॥

**ତୁଳା**
ଦୀର୍ଘ ଅବଶୋଷର ପରିସମାପ୍ତି, ସୁଚିନ୍ତିତ ଉଦ୍ୟମରୁ ସଫଳତା, ନୂତନଗୃହ କ୍ରୟବିକ୍ରୟ, ଯାନ୍ତ୍ରିକ ଜିନିଷ ମରାମତି, ଗୃହ ସଜ୍ଜୀକରଣ, ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା, ମନୋରଞ୍ଜନ କାର୍ଯ୍ୟକ୍ରମରେ ଅଭିନୟ, ନିୟନ୍ତ୍ରଣାଧୀନ ସ୍ୱାସ୍ଥ୍ୟ ସମସ୍ୟା ॥

**ବିଛା**
ମଙ୍ଗଳଜନକ କାର୍ଯ୍ୟାରମ୍ଭ, ଜମିଜମା ରେଜିଷ୍ଟ୍ରେସନ୍, ସହଯୋଗରୁ ଉତ୍ସାହିତ ହେବେ, ଘରୋଇ କଳହରୁ ଅଶାନ୍ତି, ପଦମର୍ଯ୍ୟାଦା ବୃଦ୍ଧି, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, କ୍ରୀଡ଼ା ଚଳଚ୍ଚିତ୍ରରେ ସଫଳତା, ସରକାରୀ ସହାୟତା ॥

**ଧନୁ**
ସମସ୍ୟା ଲାଗି ରହିବ, ଅନ୍ୟମନସ୍କ ରହିପାରନ୍ତି, କର୍ମଜଞ୍ଜାଳ ବଢ଼ିବ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା, ନିକଟତମ ବନ୍ଧୁଙ୍କ ପ୍ରେରଣା, କରଜଦାତାଙ୍କ ଚାପ, ଶତ୍ରୁ ଛାଇ ଭଳି ଲାଗି ରହିବେ, ନୂତନ କର୍ମସଂସ୍ଥାନ, ନୂତନ ସମ୍ପର୍କ ସୃଷ୍ଟି ॥

**ମକର**
ଆରୋଗ୍ୟ ଲାଭରୁ ଆଶ୍ୱସ୍ତି, କର୍ମକ୍ଷେତ୍ରରେ ପ୍ରତିବନ୍ଧକ, କାମ ଅଟକିବ ନାହିଁ, ପ୍ରଶଂସା ଓ ପ୍ରୋତ୍ସାହନ ପାଇବେ, ଗୃହୋପଯୋଗୀ ଜମିଲାଭ, ନୂତନ ପ୍ରକଳ୍ପାରମ୍ଭ, ରପ୍ତାନୀ କାରବାର ବଢ଼ିବ, ଋଣ ପରିଶୋଧ, ମାଙ୍ଗଳିକ କାର୍ଯ୍ୟର ପର୍ଯ୍ୟାଲୋଚନା ॥

**କୁମ୍ଭ**
ଅସୁସ୍ଥ ମାନସିକତା, ସାମୟିକ ସ୍ୱାସ୍ଥ୍ୟହାନୀ, କାର୍ଯ୍ୟ ସ୍ଥଗିତ ରହିବ, ପଡ଼ୋଶୀଙ୍କ ବଦାନ୍ୟତା, ନୂତନ କର୍ମାରମ୍ଭ, ପାରିବାରିକ ସହମତି, ପ୍ରକାଶନରେ ବିଳମ୍ବ, ଅଧ୍ୟୟନରେ ଏକାଗ୍ରତା, ସତ୍‌ସଙ୍ଗରସୁଯୋଗ, ତୀର୍ଥାଟନର ଯୋଜନା ॥

**ମୀନ**
କାର୍ଯ୍ୟହାନୀରୁ ମନସ୍ତାପ, ମାନସିକ ଚାପ ବୃଦ୍ଧିପାଇବ, ଅନ୍ୟମନସ୍କ ରହିପାରନ୍ତି, ଗୁରୁଜନଙ୍କ ପରାମର୍ଶ, କାର୍ଯ୍ୟ ନିର୍ବିଘ୍ନରେ ସମ୍ପନ୍ନ ହେବ, ଭୁଲ୍ ବୁଝାମଣା ଦୂରହେବ, ବିଳାସ ବିମୁଖ ହେବେ, ଆଧ୍ୟାତ୍ମିକ ଭାବଧାରା ବୃଦ୍ଧି, ସଭାସମିତିରେ ସମର୍ଥନ ପାଇବେ, କୃତିତ୍ୱର ସମ୍ବର୍ଦ୍ଧନା ପ୍ରାପ୍ତି ॥

# ସ୍ୱାସ୍ଥ୍ୟୋପଯୋଗୀ କନ୍ଦମୂଳ

ଆମ ଭିତରୁ ଅନେକେ କନ୍ଦମୂଳ ଖାଇବାକୁ ବହୁତ ଭଲ ପାଇଥାନ୍ତି। ଏହା ଖାଇବାକୁ ଯେମିତି ସୁସ୍ୱାଦୁ ଲାଗେ ସେମିତି ଶରୀର ପାଇଁ ବେଶ୍ ଉପକାରୀ ମଧ୍ୟ ହୋଇଥାଏ। କାରଣ ଏଥିରେ ଭରିରହିଥାଏ ଭିଟାମିନ୍ ବି୬, ସି, ମିନେରାଲ୍ସ ଓ ଆଣ୍ଟି ଅକ୍ସିଡାଣ୍ଟ ଇତ୍ୟାଦି। କୁହାଯାଏ, କନ୍ଦମୂଳ ଖାଇବା ଦ୍ୱାରା ଆଖି ଭଲ ରହିଥାଏ। ଦୃଷ୍ଟିଶକ୍ତି ବି ବୃଦ୍ଧି ପାଇଥାଏ। ଏଥିରେ ଫାଇବର୍ ରହୁଥିବାରୁ କୋଲେଷ୍ଟ୍ରଲ୍‌କୁ କମ୍ କରିବାରେ ମଧ୍ୟ ଏହା ସହାୟକ ହୋଇଥାଏ। ବ୍ଲଡ୍ ପ୍ରେଶର୍‌କୁ ନିୟନ୍ତ୍ରଣରେ ରଖିବାରେ ବି ଏହା ବେଶ୍ ସାହାଯ୍ୟ କରିଥାଏ। ଶରୀରରେ ଆଇରନ୍‌ର ମାତ୍ରା କମ୍ ରହୁଥିଲେ କନ୍ଦମୂଳର ସେବନ ଲାଭଦାୟକ ହୋଇଥାଏ। କୁହାଯାଏ, କନ୍ଦମୂଳ ଖାଇବା ଦ୍ୱାରା ଶରୀରକୁ ଶକ୍ତି ମିଳିଥାଏ। ସେହିପରି ପାଚନ କ୍ରିୟାକୁ ସକ୍ରିୟ କରିବାରେ ବି କନ୍ଦମୂଳର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ଏହା କୋଷ୍ଠକାଠିନ୍ୟ ସମସ୍ୟାରୁ



ବି ଅନେକାଂଶରେ ମୁକ୍ତି ଦେଇଥାଏ। ଖାସ୍‌କରି ଛୋଟପିଲାଙ୍କୁ କନ୍ଦମୂଳ ଖାଇବା ଦେବା ବେଶ୍ ଉପକାରୀ ହୋଇଥାଏ।

## ପାଠକୀୟ

* ନାୟିକା ନ ହେଲେ ବି ଏହି ଚରିତ୍ର ବିନା କାହାଣୀ ଲାଗେ ଫିକା। ସେ ହେଉଛି ଜେଜେମା' ବା ଦାଦି ଚରିତ୍ର। ବଡ଼ ପରଦା ଓ ଛୋଟ ପରଦାରେ କେବେ ସ୍ନେହୀ ତ କେବେ କ୍ରିଷ୍ଟ ଦାଦିର ଅଭିନୟ କରି ନିଜର ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଥିବା ସେଇ କେତେଜଣ ଦାଦି ମା'ଙ୍କୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ପରଦାରେ ଦାଦି' ଶୀର୍ଷକ ଆଲେଖ୍ୟଟି ସତରେ ବେଶ୍ ମଜାଦାର୍ ଥିଲା। 'କେଉଁଠି ଲଗାଇବେ ଦର୍ପଣ', 'ସୌଭାଗ୍ୟ ଆଣେ ମୟୂରପୁଚ୍ଛ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

**– ଦମୟନ୍ତୀ ସାହୁ, ଫୁଲବାଣୀ**

* କାହାଣୀର ପେଡ଼ି ସେ। ସେ ହିଁ ଶୁଣନ୍ତି ପିଲାଙ୍କ ସବୁ ଅଳି ଅର୍ଦ୍ଦଳି। ତାଙ୍କରି ପଣତ ପୁଣି କେବେ ସାଜେ ବାପାମା'ଙ୍କ ଗାଳିମାଡ଼ରୁ ବଞ୍ଚିବାର ଆଶ୍ରୟସ୍ଥଳୀ। ସେଇ ସ୍ନେହମୟୀ ମଣିଷ ଜଣକ ହେଉଛନ୍ତି ସମସ୍ତଙ୍କ ପ୍ରିୟ ଜେଜେମା'। ବାସ୍ତବିକ ଜୀବନ ପରି ପରଦାରେ ବି ଜେଜେମା' ବା ଦାଦି ମା' ଚରିତ୍ର ବିନା କାହାଣୀ ଲାଗେ ଫିକା। ପରଦାରେ ଜେଜେମା' ଚରିତ୍ରକୁ ଜୀବନ୍ତ ଭାବେ ଫୁଟାଇ ସମସ୍ତଙ୍କ ହୃଦୟରେ ଘର କରିଥିବା କେତେଜଣ ଦାଦିଙ୍କୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ହୃଦୟସ୍ପର୍ଶୀ ଥିଲା। 'ପ୍ରାଣୀଙ୍କ ପ୍ରେମରେ ପ୍ରାଣୀ ପାଲଟିଲେ' ଶୀର୍ଷକ ପାଠଟି ବି ଆଶ୍ଚର୍ଯ୍ୟକର ଲାଗୁଥିଲା।

**– ମୀନତି ପ୍ରଧାନ, ବଲାଙ୍ଗୀର**

* ବ୍ୟକ୍ତିତ୍ୱ ପୃଷ୍ଠାରୁ ପ୍ରାବନ୍ଧିକ, ଲେଖକ, ଇଂଲିଶ ଅନୁବାଦକ ଡ. ଧୀରେନ୍ଦ୍ର କୁମାର ଷଡ଼ଙ୍ଗୀଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ୱାର୍କ ଫ୍ରମ୍ ହୋମ୍' ଶୀର୍ଷକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। 'ଚିତ୍ରକର ଓ ରାଜକୁମାରୀଙ୍କ ପ୍ରେମ କାହାଣୀ' ଶୀର୍ଷକ ପାଠଟି ବି ହୃଦୟଛୁଆଁ ଥିଲା।

**– ପ୍ରକାଶ ଶତପଥୀ, ଖୋର୍ଦ୍ଧା**

* ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ଏଥିରେ ସ୍ଥାନିତ 'ପାରି କରିବେ ଭୋଳା ଶଙ୍କର ମାଁ', 'ଯଦି ଦୀପିକା ରାଜି ହୋଇଥାଆନ୍ତେ' ଆଦି ପାଠ ମନଛୁଆଁ ହୋଇଥିଲା। ସାହିତ୍ୟିକ ଗଦାଧର ମିଶ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ହୃଦୟସ୍ପର୍ଶୀ ଥିଲା। ସହର ପୃଷ୍ଠାରୁ ଆଧ୍ୟାତ୍ମିକ କ୍ଷେତ୍ର ବିର୍ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। **– ସୁରେଶ ଦାଶ, କେନ୍ଦ୍ରାପଡ଼ା**

* ବିବିଧ ପୃଷ୍ଠାରୁ 'ଟ୍ରିଅଫ୍ ଲାଇଫ୍' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ତୋ' ପାଇଁ ମର୍ତ୍ତ୍ୟପୁରୀ ମନା' ଶୀର୍ଷକ ପାଠଟି ବେଶ୍ ଶିକ୍ଷଣୀୟ ଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାଟି ବି ମନଛୁଆଁ ହୋଇଥିଲା।

**– ରୂପେଶ ଷଡ଼ଙ୍ଗୀ, ମାଲକାନାଗିରି**

### ବିଶେଷ ଚିଠି



ଏଥରର ପ୍ରଚ୍ଛଦରେ ଥିଲା
'ପରଦାରେ ଦାଦି',
ଲାଗୁଥିଲା ଭାରି ନିଆରା
ଦେଉଥିଲା ନୂଆ ନୂଆ ଇସାରା।
ଆହୁରି ହୃଦୟଛୁଆଁ ଥିଲା
'ପ୍ରାଣୀଙ୍କ ପ୍ରେମରେ ପ୍ରାଣୀ
ପାଲଟିଲେ' ଲେଖା
ବିବିଧା, ବ୍ୟାକ୍‌ପେଜ୍‌ର ଲେଖା ବି
ଦେଉଥିଲା ନୂଆ ନୂଆ ଶିକ୍ଷା।
ସେଥିପାଇଁ ହେ ଛୁଟିଦିନ
ତୁମକୁ ଭଲପାଏ ସବୁଦିନ।

**– ଆୟୁଷ ମହାନ୍ତି, ପୁରୀ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ବଜ୍ର କବଚ

**ବଜ୍ରପାତକୁ ରୋକେ ତାଳଗଛ । କିନ୍ତୁ ତାଳଗଛର ସଂଖ୍ୟା କମି କମି ଚାଲିଛି; ଯାହା ଚିନ୍ତା ବଢାଇଛି ପରିବେଶ ପ୍ରେମୀଙ୍କର । ଯେଉଁଥିପାଇଁ ନିଜସ୍ୱ ପ୍ରୟାସରେ କାହିଁ କେବେଠାରୁ ସେମାନେ ଲଗାଇ ଆସୁଛନ୍ତି ତାଳଗଛ..**

ଉଚ୍ଚ ତାଳଗଛ ଆକାଶ ଛୁଏଁ, ବାୟାର ବସା ଦୋହଲୁ ଥାଏ । ଆଜିକାଲି ଏମିତି ଦୃଶ୍ୟ ପ୍ରାୟ ବିରଳ ହେଲାଣି। ଦିନକୁ ଦିନ ତାଳଗଛ ସଂଖ୍ୟା କମି ଯାଉଥିବାରୁ ପ୍ରାକୃତିକ ଭାରସାମ୍ୟ ରହୁନାହିଁ। ଦିନଥିଲା ଗାଁଠାରୁ ଦୂର ପଡ଼ିଆ, ବିଲ ହୁଡ଼ା, ନାସୀକୂଳ ଆଦି ଜାଗାରେ ଲୋକମାନେ ତାଳଗଛ ଲଗାଉଥିଲେ। ଏବେ ତାଳଗଛ ସଂଖ୍ୟା କମି କମି ଚାଲିଛି। ପ୍ରାକୃତିକ ବିପର୍ଯ୍ୟୟରେ ଯେଉଁମାତ୍ରାରେ ତାଳଗଛ ନଷ୍ଟ ହେଉଥିଲା ତା'ଠୁ ଅଧିକ କଟାଯାଇଛି। ୨୦୧୮ ମସିହାରେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ମିଶନ ତାଳଗଛ। ରାଜ୍ୟ ବନ ବିଭାଗ ତାଳଗଛ ରୋପଣ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ୨୦୨୪ରେ ତାଳଗଛ ଲଗାଇବା ପାଇଁ ପ୍ରାୟ ୭କୋଟି ଟଙ୍କା ଖର୍ଚ୍ଚ ହେବବୋଲି କୁହାଯାଇଥିଲା। ପୁଣି ବ୍ୟକ୍ତିଗତ ସ୍ତରରେ ତାଳଗଛ କାଟିବାକୁ ସରକାରୀ ଅନୁମତି ନେବାକୁ ପଡ଼ିବ। ଏସବୁର ମୂଳ କାରଣ ହେଉଛି ବଜ୍ରପାତରୁ ରକ୍ଷା କରିବ ତାଳଗଛ। ତେବେ ତାଳଗଛରୁ ଏହି ଲାଭ ପାଇବା ପାଇଁ ପ୍ରାୟ ୩୦ରୁ ୪୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଲାଗିବ। ଅନ୍ୟପକ୍ଷେ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ବଜ୍ରପାତଜନିତ ମୃତ୍ୟୁ ପରିସଂଖ୍ୟାନକୁ ଅନୁଧ୍ୟାନ କଲେ ଏଥିରୁ ଜଣାପଡ଼େ ୨୦୨୨-୨୩ରେ ରାଜ୍ୟରେ ବଜ୍ରପାତରେ ମୋଟ-୨୯୧ଜଣଙ୍କ ମୃତ୍ୟୁ ଘଟିଥିଲା। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ତଥ୍ୟ ଅନୁଯାୟୀ -୨୦୨୧ରେ ବଜ୍ରପାତରେ ଭାରତରେ ୨,୮୮୦ଜଣଙ୍କର ମୃତ୍ୟୁ ଘଟିଥିଲା ବୋଲି ରିପୋର୍ଟରେ କୁହାଯାଇଛି।ସେହିପରି ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ (ଓସଡ଼ମା) ହିସାବ ଅନୁସାରେ ୨୦୧୧ରୁ୨୦୧୭ ମଧ୍ୟରେ ପ୍ରାୟ ୨୫୫୭ଜଣଙ୍କ ବଜ୍ରପାତ ଆଘାତରେ ମୃତ୍ୟୁବରଣ କରିଛନ୍ତି। ଜଳବାୟୁ ପରିବର୍ତ୍ତନ ଓ ପ୍ରଦୂଷଣ ପ୍ରଭାବରେ ତାମମାତ୍ରା ବଢୁଛି। ବାୟୁମଣ୍ଡଳରେ ଅସ୍ଥିରତା ଯୋଗୁ ବଢୁଛି ବଜ୍ରପାତର ତୀବ୍ରତା। ତେବେ ମଣିଷ ଗୃହପାଳିତ ପ୍ରାଣୀଙ୍କୁ ବଜ୍ରପାତରୁ ରକ୍ଷା କରୁଥିବା ତାଳଗଛର ସୁରକ୍ଷା ପାଇଁ ଜନସଚେତନତା ଜରୁରୀର ହୋଇପଡ଼ିଛି। ଯାହାର ଦାୟିତ୍ୱ ଏବେ ସ୍ୱଇଚ୍ଛାରେ ନେଉଛନ୍ତି ଅନେକ ପରିବେଶ ପ୍ରେମୀ।

**ବଜ୍ରପାତରୁ ରକ୍ଷା, ତାଳଗଛର ସୁରକ୍ଷା:** ସବୁଜ ପରିବେଶ ସହ ଅଧିକରୁ ଅଧିକ ତାଳଗଛ ଲଗାଇବା ପାଇଁ ଅଣ୍ଟାଭିଡ଼ିଛନ୍ତି ଜଣେ ଗୃହିଣୀ। ସେ ହେଲେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ କମାଳସିଂ ଗ୍ରାମର **ଅମିତା ତରେଇ**। ସେ କୁହନ୍ତି,'ସ୍କୁଲ ବୟସରୁ ବିଭିନ୍ନ ଗଛର ଚାରା ରୋପଣ କରିବା ମୋର ଅଭ୍ୟାସ ଥିଲା। କିନ୍ତୁ ବିବାହ ପରେ ଆମ ବ୍ଲକ ମିଶନ ଶକ୍ତିରେ ଜଣେ ସକ୍ରିୟ ସଦସ୍ୟା ଭାବେ କାର୍ଯ୍ୟ କରୁଛି। ଶାଶୁଘର ଝାରକଟା ଗାଁର ସ୍କୁଲ ପରିସର ଏବଂ ବାପଘର କମାଳସିଂ ଅଞ୍ଚଳର କେତେକ ସ୍ଥାନରେ ବିଭିନ୍ନ ଫଳଗଛ ଲଗାଇ ତା'ର ଯତ୍ନ ନେଉଥିଲି। ଗ୍ରାମର ମଠ, ଗ୍ରାମ୍ୟପାର୍କ ଓ ରାସ୍ତାକଡ଼ ଆଦି ସ୍ଥାନରେ ବର୍ଷାଦିନେ ନିମ୍ବ, ବେଲ, ଅଁଳା, ହରିଡ଼ା, ବାହାଡ଼ା, ଅର୍ଜୁନ, କଦମ୍ବ, ଆମ୍ବ, ଲେମ୍ବୁ, ପଣସ, ବଉଳ ଆଦି ଗଛ ଲଗାଇଲୁ। ପ୍ରତିଦିନ ଦୁଇଘଣ୍ଟା ସମୟ ବାହାରକରି ଲଗାଇଥିବା ବୃକ୍ଷର ଯତ୍ନ ପାଇଁ ପରିଶ୍ରମ କରିବାକୁ ପଡୁଛି। ଏଥିରେ ମୋ ସହିତ ମୀନାରାଣୀ ସାହୁ, ପ୍ରଭାତୀ ପାହନ, ରଶ୍ମିତା ତରେଇ, ଉର୍ମିଳା ସାହୁ, ସସ୍ମିତା ପଲେଇ, ନମିତା ପଣ୍ଡା, କୁନି ଜେନା, ଦୁଃଶାସନ ତରେଇ, ନକୁଳ ସୁନ୍ଦରା, ବିଷ୍ଣୁ ଚରଣ ବେହେରା ସାମିଲ ହୋଇଛନ୍ତି। ତେବେ ୨୦୧୯ ମସିହାଠାରୁ ଚିଲିକା ଅଞ୍ଚଳରେ ଏକ ସାମାଜିକ ସଂଗଠନରେ ଯୋଗଦେଇ ଅନ୍ୟ ଗଛ ସହିତ ତାଳଗଛ ରୋପଣ କରୁଛୁ। ଗତ ୫ ବର୍ଷ ଭିତରେ ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ସଂଗଠନରେ ମିଶି ପ୍ରାୟ ୨ହଜାରରୁ ଉର୍ଦ୍ଧ୍ୱ ବିଭିନ୍ନ ବୃକ୍ଷ ଏବଂ ୨୫ ହଜାର ତାଳମଞ୍ଜି ପୋତିବାରେ ସକ୍ଷମ ହୋଇଛୁ। ୨୦୨୧ମସିହାରେ କୁରୁପାଳଠାରୁ ନୂଆପଡ଼ା, ଜେନାପୁର ବେନାମୀ ଘେରିବନ୍ଧରେ ପ୍ରାୟ ୩୧ ହଜାର ତାଳମଞ୍ଜି ପୋତିଥିଲୁ। ୨୦୨୨ରୁ ୨୦୨୩ ମସିହା ମଧ୍ୟରେ ସାତପଡ଼ା, ଆଲୁପାଟଣାଠାରୁ ବାଘମୁହଁ ଓ ଭାବକୁଣ୍ଡଳେଶ୍ୱରଯାଏ ୧୪ହଜାର ତାଳ ମଞ୍ଜି ଲଗାଇଛୁ। ଚିଲିକା ସିପିଆଠାରୁ ତିଛିଣ ଜମ୍ବଲଯାଏ ପ୍ରାୟ ୩୦ ହଜାର ତାଳ ମଞ୍ଜି ଲଗାଇସାରିଲୁଣି। ଝାରକଟାଠାରୁ ଖବରିସାହି, ପଥରକଟା, କମାଳସିଂ ପର୍ଯ୍ୟନ୍ତ ପ୍ରାୟ ୮ହଜାର ତାଳମଞ୍ଜି ପୋତିଛୁ। ୨୦୨୪ଜୁଲାଇରେ ଜହ୍ନିକୁଦା, ଗୁଆଟୋପି, ଆରେନାଖାର, ଧାନଅରା ଘେରିବନ୍ଧରେ ପ୍ରାୟ ୮ହଜାର ୫ଶହ ତାଳମଞ୍ଜି ପୋତିଛୁ। ଏମିତିରେ ଦେଖିବାକୁ ଗଲେ ଆଯିଯାଏ ପ୍ରାୟ ୧ଲକ୍ଷ ୯୦ହଜାର ତାଳମଞ୍ଜି ପୋତିସାରିଲୁଣି। ତେବେ ପୂର୍ବରୁ ଲଗାଇଥିବା କେତେକ ସ୍ଥାନରେ ତାଳ ମଞ୍ଜିରୁ ଗଜାହୋଇ ଗଛ ହୋଇ ବାହାରିଥିବାରୁ ତାହାଦେଖିଲେ ବହୁତ ଖୁସିଲାଗୁଛି। ସେହିପରି ଚଳିତବର୍ଷ ଚିଲିକା କୃଷ୍ଣପ୍ରସାଦ ବ୍ଲକ ସମେତ ବ୍ରହ୍ମଗିରି ଅଞ୍ଚଳରେ ନିମ ଓ ତାଳଗଛ ଯତ୍ନ ନିମନ୍ତେ ପ୍ରୟାସ କରି ଏକ ଅଭିନବ ଅଭିଯାନ କରିଛୁ। ଅନ୍ୟପକ୍ଷେ କାହାର ଜନ୍ମଦିନ, ବିବାହ ବାର୍ଷିକୀ, ଶ୍ରାଦ୍ଧ ଉତ୍ସବ, ବିଭିନ୍ନ ପର୍ବପର୍ବାଣି, ମହାପୁରୁଷଙ୍କ ଜନ୍ମଦିବସ ଅବସରରେ ବୃକ୍ଷରୋପଣ କରିବା ପାଇଁ ଲୋକମାନଙ୍କୁ କହିଥାଏ। ପରିବେଶ ସୁରକ୍ଷା ଏବଂ ସାମାଜିକ କାର୍ଯ୍ୟ ପାଇଁ ବିଭିନ୍ନ ଅନୁଷ୍ଠାନରୁ ଅନେକ ପ୍ରଶଂସା ମିଳୁଛି, ଯେଉଁଥିରେ ଏଥିରେ ମୋତେ ମାନସିକ ଶାନ୍ତି ମିଳିପାରୁଛି।

**ତାଳଗଛ ଅଭିଯାନ-** ବହୁସଂଖ୍ୟାରେ ଗଛକଟା ଯୋଗୁ ଜଙ୍ଗଲ ଧ୍ୱଂସ ହେଉଛି। ପରିବେଶ ସନ୍ତୁଳନ ବିଗୁଡୁଛି। ଚିଲିକା ଅଞ୍ଚଳରେ ପୁରୁଣା ତାଳଗଛ ସଂଖ୍ୟା କମି କମି ଯାଉଥିବାରୁ ଆଗଭଳି ଆଉ ବହୁ ସଂଖ୍ୟକ ଚିଲ ଓ କୁରବଳ ପକ୍ଷୀ ଦେଖିବାକୁ ମିଳୁନାହିଁ। ବଜ୍ରପାତରେ ଜନଜୀବନ ନଷ୍ଟ ହେଉଛି। ଏମିତି ପରିସ୍ଥିତିରେ ଚିଲିକାର ପରିବେଶ କିପରି ଭଲ ରହିବ, ପକ୍ଷୀମାନେ ଅଧିକ ସଂଖ୍ୟାରେ ଆସିବେ, ଏଥିପାଇଁ ତାଳଗଛ ବଞ୍ଚାଇବା ପରିବେଶ ସୁରକ୍ଷା ପାଇଁ ଅଣ୍ଟାଭିଡ଼ିଛନ୍ତି ଜଣେ ୫୬ବର୍ଷ ବୟସର ବ୍ୟକ୍ତି। ସେ ହେଲେ **ନକୁଳ ସୁନ୍ଦରା**।



→





ନୟାଗଡ଼ ଭାରତ ବିକାଶ ପରିଷଦର ସଦସ୍ୟମାନେ

ପୁରୀ ଜିଲା ହାପିନେସ୍ ଫାଉଣ୍ଡେସନର ସଦସ୍ୟମାନେ

ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳ ସିପିଆ ଗାଁରେ ତାଙ୍କ ଘର। ସେ କୁହନ୍ତି,'ମୁଁ ଜଣେ ସାଧାରଣ ଦିନମଜୁରିଆ। ଘରେ ସ୍ତ୍ରୀ, ଗୋଟିଏ ପୁଅ ଓ ୨ ଝିଅଙ୍କୁ ନେଇ ମୋ ପରିବାର। ଦୈନିକ ମୂଲମଜୁରି ଲାଗିଲେ ପରିବାର ପ୍ରତିପୋଷଣ ହୋଇଥାଏ। ଚିଲିକାର ପରିବେଶ ଯଦି ଭଲ ରହିବ ତେବେ ଆମ ଅଞ୍ଚଳର ଶ୍ରୀ ବୃଦ୍ଧି ହେବ। ଏଥିପାଇଁ ଚିଲିକା ଅଞ୍ଚଳରେ ତାଳଗଛ ପାଇଁ କିଛି ସମୟ ଦେବାକୁ ପଡୁଛି। ଚିଲିକା କୁଦରେ ଆମ ଗାଁ । ଚିଲିକା ଉପକୂଳ ଗାଁ ରାସ୍ତାକଡ଼ ଓ ଘେରିବନ୍ଧରେ ଆଜକୁ ୩ ବର୍ଷ ହେବ ପ୍ରାୟ ୧୫ହଜାର ତାଳ ଗୋଟମା (ତାଳମଞ୍ଜି ) ପକାଇଥିଲି । ସେସବୁରୁ ଗଜା ହୋଇ ଗଛ ହୋଇସାରିଲାଣି। ତାଳ ଗଛ ସହିତ ଆଉ ଅନ୍ୟାନ୍ୟ ଗଛ ଲଗାଇବା ମୋତେ ଆନନ୍ଦ ଦେଉଛି। କାରଣ ବୃକ୍ଷ ହିଁ ଦେବତା, ସେ ଜୀବନ ଦେଇଥାଏ।

**ତାଳଗଛର ଗାଁ–** ତାଳଗଛର ମହତ୍ତ୍ୱକୁ ବୁଝି ଗାଁକୁ ତାଳଗଛମୟ କରିଛନ୍ତି ଜଣେ ୯୦ବର୍ଷ ବୟସର ବ୍ୟକ୍ତି। ସେ ହେଲେ କେନ୍ଦୁଝର ଜିଲାର ଘଷିପୁରା ବ୍ଲକ କଇନିପୁରା ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି **ବୈଷ୍ଣବ ସାହୁ**। ସେ କୁହନ୍ତି,'ପୂର୍ବରୁ ମୋ ବାପା ସ୍ୱର୍ଗତ ନିଶାକର ସାହୁ ବହୁ ତାଳଗଛ ଲଗାଇ ଏହି ଅଞ୍ଚଳରେଏକ ତାଳଗଛ ଜଙ୍ଗଲସୃଷ୍ଟି କରିଥିଲେ। ତାଙ୍କଠାରୁ ପିଲାଟିଦିନରୁ ପ୍ରେରଣା ପାଇଛି। ସେବେଠାରୁ ତାଳଗଛ ଲଗାଇ ଆସୁଛି । ଏ ବିଷୟରେ ଯୁବପିଢିଙ୍କୁ ସଚେତନ କରିଥାଏ। ଗାଁ ଚାଷଜମି ହିଡ଼ରେ ଧାଡ଼ିଧାଡ଼ି ତାଳଗଛ ରହିଛି। ଆମ ଅଞ୍ଚଳରେ ଏହାକୁ 'ବାହାଳି'ବୋଲି କୁହାଯାଏ। ପ୍ରାୟ ୨୦ବର୍ଷ ତଳେ ଆମ ଗାଁ କଇନିପୁରାରେ ପ୍ରାୟ ୫ହଜାରରୁ ଅଧିକ ତାଳଗଛ ରହିଥିଲା। ଏବେ ପଡ଼ୋଶୀ ନଦୁଆଁ, ଚଉମୁହିଁ, ଅତାସାହିରେ ମଧ୍ୟ ଅନେକ ତାଳଗଛ ରହିଛି। କାଳକ୍ରମେ ବଜ୍ରପାତ, ବାତ୍ୟା ପ୍ରଭାବରେ ଅନେକ ଗଛ କ୍ଷତିଗ୍ରସ୍ତ ହୋଇଥିଲା । କିଛିବର୍ଷ ହେବ ବଜ୍ରପାତ ଯୋଗୁ ବହୁତ ଜୀବନ ହାନି ଘଟୁଛି। ସେହି ମୃତ୍ୟୁ ରୋକିବା ପାଇଁ ଗ୍ରାମରେ ତାଳଗଛ ରୋପଣ ପାଇଁ ଯୁବଗୋଷ୍ଠୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। କିଛି ବର୍ଷ ତଳେ ଆମ ଗାଁରେ ଥିବା ତାଳଗଛରେ ବହୁଳ ସଂଖ୍ୟାରେ ବାୟାଚଢ଼େଇ ବସା ଦୋହଲୁଥିବାର ଦୃଶ୍ୟ ଦେଖିଲେ ମନ ଖୁସି ହୋଇଯାଉଥିଲା । କିନ୍ତୁ ଆଜିକାଲି ସେସବୁ କମି ଯାଇଛି ବରଂ ପ୍ରତିବର୍ଷ ବଜ୍ରପାତ ବଢିଛି। ସେଥିରୁ ରକ୍ଷା ପାଇଁ ଚଳିତବର୍ଷ ୩ ଶହରୁ ଅଧିକ ତାଳ ଗୋଟମା (ତାଳମଞ୍ଜି) ନିଜ ଜମିରେ ଲଗାଇଛି । ତାଳଗଛ ସୁରକ୍ଷା ଅଭିଯାନରେ ଗାଁର ଅନ୍ୟମାନେ ସାମିଲ ଅଛନ୍ତି। ଗଛ ଲଗାଇ ତା'ର ଯତ୍ନ ନେବା ସହ ଏହାର ଉପକାରିତା ବିଷୟରେ ଲୋକମାନଙ୍କୁ ସଚେତନ କରିଥାଏ । ଆନନ୍ଦପୁର ଉପଖଣ୍ଡରେ ତାଳଗଛ ଗାଁ ଭାବେ ଆମ ଗାଁର ନାଁ ଥିଲା। ତା' ପୂର୍ବ ଗୌରବ ଫେରିବା ପାଇଁ ସମସ୍ତଙ୍କ ସହଯୋଗ ରହିବା ଉଚିତ। ତାଳଗଛ ବଜ୍ରପାତ ରୋକିବା ସହିତ ପରିବେଶ ସନ୍ତୁଳନ ରକ୍ଷାକରିଥାଏ।

**ତାଳବଣିଆର ଶ୍ରୀବୃଦ୍ଧି ପାଇଁ ପ୍ରୟାସ**–ସେ ଜଣେ ଯୁବ ଇଞ୍ଜିନିୟର। ବିଭିନ୍ନ ସାମାଜିକ ସେବା କରିବା ସହିତ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ କରିଥାନ୍ତି। ଏମିତିରେ ପୁରୀ ତାଳବଣିଆରେ କିପରି ବହୁଳ ସଂଖ୍ୟାରେ ତାଳଗଛ ସଂଖ୍ୟା ବଢ଼ିବ ଓ ତା'ର ସୁରକ୍ଷା ହୋଇପାରିବ ସେଥିପାଇଁ ହାପିନେସ୍ ଫାଉଣ୍ଡେଶନ ନାମରେ ଏକ ସାମାଜିକ ଅନୁଷ୍ଠାନ ଗଠନକରି ତା'ର ପ୍ରତିଷ୍ଠାତା ଓ ସଭାପତି ଭାବେ କାର୍ଯ୍ୟ ତୁଲାଉଛନ୍ତି **ପ୍ରଦୀପ୍ତ କୁମାର ପ୍ରଧାନ** । ସେ କୁହନ୍ତି,'ପୁରୀ ବସଷ୍ଟାଣ୍ଡ ନିକଟ ଆଇତୋଟାରେ ମୋ ଘର। ଦିନଥିଲା ଶ୍ରୀକ୍ଷେତ୍ର ପୁରୀ ତାଳବଣିଆରେ ହଜାର ହଜାର ସଂଖ୍ୟାରେ ତାଳଗଛ ଥିଲା। କିନ୍ତୁ କିଛିବର୍ଷ ହେଲା ତାଳଗଛ ଏଠାରୁ କମି ଯାଇଛି। ସମୁଦ୍ର ଓ ଚିଲିକା ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ବେଳେ ଜନଜୀବନକୁ ତାଳଗଛ ସୁରକ୍ଷା ଦେଉଥିବା ବେଳେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହା ସୁରକ୍ଷା କବଚପରି ସହାୟକ ହୋଇଥାଏ। ପୁଣି ଶ୍ରୀକ୍ଷେତ୍ରର ଶ୍ରୀ ବୃଦ୍ଧିରେ ତାଳବଣିଆର ପରିଚୟ ରହିଛି। ବିଶେଷକରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସମୟରେ ତାଳଗଛକୁ ଉପଯୋଗ କରାଯାଇଥାଏ। ବର୍ଷର ସବୁସମୟରେ ତାଳଭୋଗେଇ, ତାଳଡ଼ାଲା ଆଦିରେ ଠାକୁରଙ୍କୁ ଭୋଗ ଅର୍ପଣ କରାଯାଇଥାଏ। କିନ୍ତୁ ଆଗ ପରି ସେମିତି ତାଳଗଛ ନ ଥିବାରୁ ପ୍ରତିବର୍ଷ ବଜ୍ରପାତରେ ଲୋକଙ୍କ ଅକାଳ ବିୟୋଗ ଘଟୁଛି। ସେଥିପାଇଁ ଆମ ସଂଗଠନର ସମସ୍ତ ସଭ୍ୟାସଭ୍ୟ ଏକ ଆଲୋଚନା କରି ପୁରୀର କେତେକ ସ୍ଥାନରେ ତାଳମଞ୍ଜି ଲଗାଇଛୁ। ଏଥିପାଇଁ ୨୦୨୦ ମସିହାରୁ ହାପିନେସ୍ ସଂଗଠନ କରିଥିଲୁ। ଏହି ଅଞ୍ଚଳର ପ୍ରାୟ ୯ଟି କଲେଜରେ ଇକୋକ୍ଲବ ଓ ଷ୍ଟୁଡେଣ୍ଟ ଯୁଥ୍ କ୍ଲବ ଗଠନ କରିଛୁ। ଏଥିରେ ଏଯାଏ ପ୍ରାୟ ୨ଶହ ସଦସ୍ୟ ଅଛନ୍ତି। ବିଶେଷକରି୨୦୨୨ମସିହାରୁ ତାଳଗଛ ଅଭିଯାନ ଆରମ୍ଭ କରିଥିଲୁ। ସେହିବର୍ଷ ଜୁନ ମାସରେ ତାଳବଣିଆରୁ ପାଚିଲା ତାଳ ସଂଗ୍ରହ କରିଥିଲୁ । ସେବେଠାରୁ ପ୍ରତିବର୍ଷ ପ୍ରାୟ ୧୫ଜଣ ସଦସ୍ୟ ଭୋର ୫ଟାରୁ ଓଁକାରେଶ୍ୱର , ପୁରୀ ବାଇପାସ୍ ରାସ୍ତା କଡ଼ ଓ ତାଳବଣିଆ ଆଦି ସ୍ଥାନକୁ ଯାଇ ସେଠାରୁ ପାଚିଲା ତାଳ ସଂଗ୍ରକରିଥାନ୍ତି। ତା' ପରେ ସଂଗ୍ରହ କରାଯାଇଥିବା ସେହି ତାଳଗୁଡ଼ିକୁ ପମ୍ପହାସ ନିକଟସ୍ଥ ଏକ ନିର୍ଦ୍ଦିଷ୍ଟ ଜାଗାରେ ସାଇତି ରଖିଥିଲୁ। ତାଳ ମଞ୍ଜିଗୁଡ଼ିକରେ ବର୍ଷାପାଣି ପଡ଼ିଲାପରେ ଗଜା ହୋଇଥିଲା। ତା'ପରେ ସେହିବର୍ଷ ତାଳବଣିଆରେ ପ୍ରାୟ ୧ହଜାର ତାଳମଞ୍ଜି ଲାଗାଇଥିଲୁ। ୨୦୨୩ ମସିହାରେ ଦ୍ୱିତୀୟଥର ୩ହଜାର ଓ ତୃତୀୟଥର ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସର ଏବଂ ତାଳବଣିଆ ଅଞ୍ଚଳରେ ପ୍ରାୟ ୫ହଜାର ତାଳମଞ୍ଜି ଲଗାଇ ସାରିଛୁ। ଅନ୍ୟପକ୍ଷେ ପୁରୀ ବଡ଼ଦାଣ୍ଡର ସୌନ୍ଦର୍ଯ୍ୟ ପାଇଁ କଦମ୍ବ, ପେସ୍ତାବାଦାମ ଆଦି ପ୍ରାୟ୪୦ଟି ଗଛ ଲଗାଇଛୁ। ଏହି କାର୍ଯ୍ୟରେ ଯାହାକିଛି ଅର୍ଥ ଖର୍ଚ୍ଚ ହୁଏ ଆମେ ସମସ୍ତ ସଦସ୍ୟ ନିଜର ସଞ୍ଚିତ ପକେଟ ମନିରୁ ଖର୍ଚ୍ଚ କରିଥାଉ। ହାପିନେସ୍‌ର କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟରଞ୍ଜନ ସାହୁ କୁହନ୍ତି, ତାଳଗଛର ପରିବେଶ ସୁରକ୍ଷାରେ ଯେଉଁ ଉପକାରିତା ରହିଛି ତାହାକୁ ଏବେ ଅନେକେ ବୁଝିଲେଣି। ଏଥିପାଇଁ ୨୦୧୮ ମସିହାରୁ ସରକାରଙ୍କ ଆରମ୍ଭ ହୋଇଛି ମିଶନ ତାଳଗଛ । ବାସ୍ତବିକ ପରିବେଶ ଓ ମାନବ ସମାଜ ପାଇଁ ତାଳଗଛର ଅବଦାନ ଅତୁଳନୀୟ।

**ତାଳଗଛ ପାଇଁ ବେଶି ପରିଶ୍ରମ କରିବାକୁ ପଡ଼େନି:** ସ୍କୁଲ ବୟସରୁ ସେ ବିଭିନ୍ନ ସାମାଜିକ କାର୍ଯ୍ୟକରୁଥିଲେ। ପରିବେଶ ସୁରକ୍ଷା ପାଇଁ ଗଛ ଲଗାଉଥିଲେ। ସେ ହେଲେ **ମନୋଜ କୁମାର ମଲ୍ଲିକ**। ସେ କୁହନ୍ତି,'କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନରେ ଆମ ଘର। ଗାଁ ରାସ୍ତାରେ ଯାଉଥିବାବେଳେ ଦେଖିଲି ଆଗଭଳି ଆଉ ତାଳଗଛ ନାହିଁ କି ତାଳଗଛରେ ବାଇଚଢ଼େଇ ବସା ଝୁଲୁନି। ବଜ୍ରପାତରେ ପ୍ରତିବର୍ଷ ବହୁତ ଲୋକ ମରୁଛନ୍ତି। ତେଣୁ ଚିନ୍ତାକଲି ଯଦି ତାଳଗଛ ଲଗାଇବି ଏସବୁର ସମାଧାନ ହୋଇପାରିବ। ୨୦୨୨ ମସିହାରୁ ତାଳଗଛ ଲଗାଇବା ଆରମ୍ଭ କଲି। ଜୁନ ଓ ଜୁଲାଇ ମାସରେ ଆମ ବ୍ଲକ ଅଧୀନ ଏକାଧିକ ସ୍ଥାନରେ ଥିବା ପୁରୁଣା ତାଳଗଛ ନିକଟରେ ପଡ଼ିଥିବା ପାଚିଲା ତାଳକୁ ସଂଗ୍ରହ କଲି। ପ୍ରତି ରବିବାର ଗାଁର କେତେଜଣ ବ୍ୟକ୍ତିଙ୍କୁ ନେଇ ବରପଡ଼ା, ନଦୀବନ୍ଧ, କେନାଲବନ୍ଧ, ସାଧକନଗର, ସୁକରପଡ଼ା, ବୁହାଲଭୋଜିହୁଡ଼ା ଆଦି ଜାଗାରେ ତାଳମଞ୍ଜି ଲଗାଇଲୁ। ଏବେ ପ୍ରାୟ ୭ହଜାର ତାଳମଞ୍ଜି ଲଗାଇସାରିଲୁଣି। ତାଳଗଛ ଲଗାଇବାରେ ବେଶି ପରିଶ୍ରମ କରିବାକୁ ପଡ଼େନି। ଏଥିରେ ବଳରାମ ପତି, ଡ. ଅଶ୍ୱିନୀ କୁମାର ଲେଙ୍କା, ବାପୁ ଦାସ, ସୁଧାଂଶୁ ଭୂୟାଁ, ଦେବେନ୍ଦ୍ର ଲେଙ୍କା, ହେମନ୍ତ କୁମାର ରାଉତ ପ୍ରମୁଖ ମତେ ସହଯୋଗ କରିଛନ୍ତି। ଏହାବାଦ ନିଶ୍ଚିନ୍ତକୋଇଲି ସଚେତନ ନାଗରିକ ମଞ୍ଚର ସଦସ୍ୟମାନେ ବି ଏହି ଅଭିଯାନର ସଫଳତା ପାଇଁ ସହଯୋଗ କରିଛନ୍ତି।

**ବଜ୍ରପାତରୁ ବଞ୍ଚାଏ–:** ଭାରତ ବିକାଶ ପରିଷଦର ନୟାଗଡ଼ ଶାଖା ପକ୍ଷରୁ ଦୁଇ ବର୍ଷ ହେଲା ତାଳ ଚାରା ରୋପଣ ଚାଲିଛି। ଏହି ଚାରା ରୋପଣ କାର୍ଯ୍ୟକ୍ରମରେ ଭାରତ ବିକାଶ ପରିଷଦର ସଦସ୍ୟଙ୍କ ସମେତ ନୟାଗଡ଼ର ଅନେକ ବୁଦ୍ଧିଜୀବୀ ସାମିଲ ହୋଇଛନ୍ତି। ପ୍ରତିବର୍ଷ ଏକହଜାର ଲେଖାଏ ଦୁଇ ହଜାର ଚାରା ରୋପଣ ହୋଇଛି। ଗତବର୍ଷ ତାଳ ଚାରା ନୟାଗଡ଼ ରେଲ୍‌ୱେ କଲୋନି, ରେଳ ଲାଇନ କଡ଼ ଓ ବାଉଁସିଆପଡା କୁସୁମୀ ନଦୀ ପଠାରେ ରୋପଣ କରାଯାଇଛି । ଚଳିତ ବର୍ଷ ମଧ୍ୟ ସମାନ ସ୍ଥାନରେ ରୋପଣ କାର୍ଯ୍ୟ ଚାଲୁ ରହିଛି। ଏନେଇ ଭାରତ ବିକାଶ ପରିଷଦର କୋଷାଧ୍ୟକ୍ଷ **ପ୍ରଫୁଲ ନାୟକ** କୁହନ୍ତି,'ତାଳଗଛ ବଜ୍ରପାତରୁ ବଞ୍ଚାଇଥାଏ। ଏଥିସହିତ ତାଳଗଛରେ ବାଇ ଚଢ଼େଇ ବସା କରିଥାଏ। ଏହାର ପତ୍ରରୁ ବିଞ୍ଚଣା, ଆସନ, ଖେଳଣା ଇତ୍ୟାଦି ପ୍ରସ୍ତୁତ ହୁଏ । ତାଳସଜ ଓ ପାଚିଲା ତାଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ। ଆଗାମୀ ଦିନରେ ଅଧିକ ସଂଖ୍ୟକ ତାଳ ଚାରା କୁସୁମୀ ନଦୀ କୂଳରେ ରୋପଣ କରାଯିବା ନିମନ୍ତେ ସ୍ଥିର କରାଯାଇଛି।

**–ବନବିହାରୀ ବେହେରା, ଲୋକନାଥ ମିଶ୍ର, ନିରଞ୍ଜନ ସାହୁ, କୈଳାସ ପଟ୍ଟନାୟକ**



ବୈଷ୍ଣବ ସାହୁ

ନକୁଳ ସୁନ୍ଦରା, ଅମିତା ତରେଇଙ୍କ ସହ ଅନ୍ୟମାନେ।

ମନୋଜ କୁମାର ମଲ୍ଲିକଙ୍କ ସହ ଅନ୍ୟମାନେ।

# ଅଲ୍‌ଟାଇମ୍ ଫ୍ୟାଶନେବଲ୍ ଆଉଟ୍‌ଫିଟ୍





**ଋତୁ ଯାହାବି ହୋଇଥାଉ ନା କାହିଁକି ଯୁବତୀମାନେ ସବୁବେଳେ ଫ୍ୟାଶନେବଲ୍ ଦେଖାଯିବା ପାଇଁ ଚାହିଁଥାନ୍ତି ; ସେଥିପାଇଁ ସେମାନେ ଋତୁ ଅନୁଯାୟୀ ଫ୍ୟାଶନର ସବୁ ଟ୍ରେଣ୍ଡକୁ ଫଲୋ କରିଥାନ୍ତି। ତେବେ ଏଠାରେ ସେମିତି କିଛି ଟ୍ରେଣ୍ଡି ଆଉଟ୍‌ଫିଟ୍ ସମ୍ପର୍କରେ ଉଲ୍ଲେଖ କରାଗଲା ; ଯାହାକୁ ଖରା ହେଉ କି ବର୍ଷା ଯେତେବେଳେ ପିନ୍ଧିଲେ ବି ଫ୍ୟାଶନେବଲ୍ ଲୁକ୍ ପାଇପାରିବେ ...**



**✲ ଜମ୍ପସୁଟ୍:** ଅଲ୍ ଟାଇମ୍ ଫ୍ୟାଶନେବଲ୍ ଲୁକ୍ ଦେଇଥାଏ ଜମ୍ପସୁଟ୍। ଏହାର ଉଭୟ ଲଙ୍ଗ୍ ଜମ୍ପସୁଟ୍ ହେଉ କି ସର୍ଟ ଜମ୍ପସୁଟ୍ ଯାହାବି ପିନ୍ଧନ୍ତୁ ତାହା ଖୁବ୍ ଷ୍ଟାଇଲିଶ୍ ଲାଗିଥାଏ। ତେବେ ଧ୍ୟାନ ଦେବେ ଯଦି ଆପଣ ବର୍ଷା ହେଉଥିବା ସମୟରେ ଜମ୍ପସୁଟ୍ ପିନ୍ଧିବାକୁ ଚାହୁଁଥାନ୍ତି, ତା'ହେଲେ ସେ କ୍ଷେତ୍ରରେ ଲଙ୍ଗ୍ ପରିବର୍ତ୍ତେ ସର୍ଟ ଜମ୍ପସୁଟ୍ ପିନ୍ଧିବେ ; ଯଦ୍ୱାରା କାଦୁଅ ଛିଟାରୁ ସହଜରେ ମୁକ୍ତି ପାଇପାରିବେ।

**✲ ନି ଲେଙ୍ଗ୍‌ଥ ସ୍କର୍ଟ ଓ ଟପ୍ସ:** ଯଦି କୌଣସି ସାଙ୍ଗର ବାର୍ଥଡେ ପାର୍ଟି କିମ୍ବା ଗେଟ୍ ଟୁଗେଦର୍ ପାର୍ଟିକୁ ଯିବାର ଥାଏ, ତା'ହେଲେ ସେ କ୍ଷେତ୍ରରେ ନି ଲେଙ୍ଗ୍‌ଥ ସ୍କର୍ଟ ଓ ଟପ୍ସ ପିନ୍ଧିବା ଏକ ଭଲ ଅପ୍ସନ ହୋଇଥାଏ। ଖାସ୍‌କରି ଡେନିମ୍ ସ୍କର୍ଟ ଅନେକଙ୍କର ପସନ୍ଦ ହୋଇଥାଏ। କିନ୍ତୁ ଯଦି ବର୍ଷା ହେଉଥାଏ ତା'ହେଲେ ଡେନିମ୍ ସ୍କର୍ଟକୁ ଛାଡ଼ି ଅଲଗା ଯେ କୌଣସି ଫାବ୍ରିକ୍‌ର ନି ଲେଙ୍ଗ୍‌ଥ ସ୍କର୍ଟ ଓ ମ୍ୟାଚିଂ ଟପ୍ସ ପିନ୍ଧି ଷ୍ଟାଇଲିଶ୍ ଲୁକ୍ ପାଇପାରିବେ। କାରଣ ବର୍ଷାରେ ଡେନିମ୍ ସ୍କର୍ଟ ଥରେ ଓଦା ହୋଇଗଲେ ତାହା ଶୁଖିବାକୁ ଟିକେ ଅଧିକ ସମୟ ଲାଗିଥାଏ।

**✲ ଶର୍ଟ୍ସ ଓ ଶାର୍ଟ:** କମ୍ଫଟେବଲ୍ ଓ ଷ୍ଟାଇଲ୍ ଦୃଷ୍ଟି କୋଣରୁ ଦେଖିଲେ ଏହି ଆଉଟ୍‌ଫିଟ୍‌ଠାରୁ ଭଲ ଅପ୍ସନ ଆଉ କ'ଣ ହୋଇପାରେ। ଆଜିକାଲି ତ ଶର୍ଟ୍ସ ଉପରେ ଶାର୍ଟ ପିନ୍ଧିବାର ଟ୍ରେଣ୍ଡ ଖୁବ୍ ଚାଲିଛି। ଖାସ୍‌କରି ଡେନିମ୍ ଶର୍ଟ୍ସ ସାଙ୍ଗକୁ କଟନ୍ ଶାର୍ଟ ଖୁବ୍ ସୁନ୍ଦର ମାନିଥାଏ। କିନ୍ତୁ ଯଦି ବର୍ଷାରେ କୁଆଡ଼େ ବୁଲି ଯାଉଥାନ୍ତି ତା'ହେଲେ ଡେନିମ୍‌କୁ ଛାଡ଼ି କଟନ୍ ହେଉ ଅଥବା ଅନ୍ୟ ଯେ କୌଣସି ଫାବ୍ରିକ୍‌ର ଶର୍ଟ୍ସ ଓ ତା'ସାଙ୍ଗକୁ ମ୍ୟାଚିଂ ଶାର୍ଟ ପିନ୍ଧି ଷ୍ଟାଇଲିଶ୍ ଲୁକ୍ ପାଇପାରିବେ।

**✲ ଫ୍ଲୋରାଲ୍ ପ୍ରିଣ୍ଟ ୱାନ୍ ପିସ୍:** ଫ୍ଲୋରାଲ୍ ପ୍ରିଣ୍ଟ ଆଉଟ୍‌ଫିଟ୍ ଯୁବତୀଙ୍କୁ ରିଫ୍ରେସିଙ୍ଗ୍ ଲୁକ୍ ଦେଇଥାଏ। ଯେ କୌଣସି ଋତୁ ହେଉ ଅଥବା ଯେ କୌଣସି ଅକେଜନ୍ ହେଉନା କାହିଁକି ଫ୍ଲୋରାଲ୍ ପ୍ରିଣ୍ଟ ଆଉଟ୍‌ଫିଟ୍ ଯୁବତୀଙ୍କୁ ଖୁବ୍ ସୁନ୍ଦର ମାନିଥାଏ। ବିଶେଷକରି ପାର୍ଟି ପାଇଁ କୌଣସି ବିଶେଷ ସ୍ଥାନକୁ ଯିବାର ଥିଲେ ହାଲ୍‌କା ହଳଦିଆ ରଙ୍ଗ କିମ୍ବା ନାଲି, ଗୋଲାପୀ ଅଥବା ପିଚ୍, ଲେମନ୍ କଲର୍‌ର ଫ୍ଲୋରାଲ୍ ପ୍ରିଣ୍ଟ ହୋଇଥିବା ୱାନ୍ ପିସ୍ ଆଉଟ୍‌ଫିଟ୍ ପିନ୍ଧି ଯୁବତୀମାନେ ଆକର୍ଷଣୀୟ ପାର୍ଟି ଲୁକ୍ ପାଇପାରିବେ।



**✲ ମିଡି ଡ୍ରେସ୍:** ଯଦି ଆପଣ ୱାନ୍ ପିସ୍ ପରିବର୍ତ୍ତେ ଅନ୍ୟ କୌଣସି ଆଉଟ୍‌ଫିଟ୍ ଟ୍ରାଏ କରିବାକୁ ଚାହୁଁଥାନ୍ତି ; ତା'ହେଲେ ମିଡି ଡ୍ରେସ୍ ଆପଣଙ୍କ ପାଇଁ ଏକ ଭଲ ଅପ୍ସନ ହୋଇପାରେ। ଖାସ୍‌କରି ଫ୍ରକ୍ ଷ୍ଟାଇଲ୍‌ର ମିଡି ଡ୍ରେସ୍‌କୁ ପିନ୍ଧିବା ଯୁବତୀଙ୍କ ପକ୍ଷେ କମ୍ଫଟେବଲ୍ ଲାଗିବା ସହ ସେମାନଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ।




# ନାଟକ ଯାହାର ଜୀବନ



ପିଲାଦିନେ ଗାଁ ରାମଲୀଳାରେ ତାଙ୍କ ଅଭିନୟର ଆରମ୍ଭ। ପରେ କଲେଜରେ ନାଟକ ରଚନା ସହ ଅଭିନୟ ଓ ନିର୍ଦ୍ଦେଶନା ଦିଅନ୍ତି। ତା'ସହ କବିତା ଲେଖା ବି ଚାଲେ। ସେ ହେଲେ ଆକାଶବାଣୀ କଟକର ଅବସରପ୍ରାପ୍ତ ସିନିୟର ପ୍ରୋଗ୍ରାମ ଏକ୍‌ଜିକ୍ୟୁଟିଭ ତଥା ନାଟ୍ୟକାର ଓ ସୁସାହିତ୍ୟିକ **ଡ. କିଶୋର ମହାନ୍ତି**। ଜନ୍ମ ୨୮ ଜାନୁଆରୀ ୧୯୫୩ ମସିହାରେ। ମାତା-ଊର୍ମିଳା ମହାନ୍ତି, ପିତା ମଧୁସୂଦନ ମହାନ୍ତି। ଘର କଟକ ଜିଲା ସାଲେପୁର ବ୍ଲକ ଅଧୀନ ନରଦା, ଲଖନପୁରରେ। ସେ କୁହନ୍ତି, 'ମୁଁ ଛୋଟ ଥିବାବେଳେ ମୋ ମା'ଙ୍କର ମୃତ୍ୟୁ ହେଇଯାଇଥିଲା। ଘରେ ଜେଜେ ଓ ଜେଜେମା'ଙ୍କ ପାଖରେ ମୋ ପିଲାଦିନ କଟିଥିଲା। ପାଠପଢା ସହ ଅଭିନୟରେ ମୋର ଭାରି ମନ ଥିଲା। ସେହିସମୟରେ ଆମ ଗାଁରେ ହେଉଥିବା ରାମଲୀଳାରେ ଲକ୍ଷ୍ମଣ ଭୂମିକାରେ ଅଭିନୟ କରିଥିଲି। ଯାହା ସମସ୍ତଙ୍କୁ ବହୁତ ଭଲ ଲାଗିଥିଲା। ଏଇଠୁ ମୋ' ଅଭିନୟର ମୂଳଦୁଆ ପଡ଼ିଥିଲା କହିଲେ ଭୁଲ ହେବ ନାହିଁ। ମାହାଙ୍ଗାଠାରେ ଅବସ୍ଥିତ ଚୌଧୁରୀ ରାଧାନାଥ ବିଦ୍ୟାପୀଠରେ ପଢିବା ସମୟରେ ବିଦ୍ୟାଳୟର ଏକ ୱାଲ୍ ମାଗାଜିନ୍ ପାଇଁ ଦିନେ ଶ୍ରେଣୀ ଶିକ୍ଷକ ମୋତେ ଗୋଟେ କବିତା ଲେଖିବାକୁ କହିଥିଲେ। ମୁଁ କ'ଣ ଲେଖିବି, ଭାବି ଭାବି ରାତି ପାହି ଯାଇଥିଲା। ଲେଖୁଥିଲି ଚିରୁଥିଲି। ଶେଷରେ ଲେଖିଲି ଏକ କବିତା ଯାହାର ନାଁ ଥିଲା 'ମୋ ଗାଁ। ଯାହାକୁ ସାର୍‌ଙ୍କୁ ଦେଇଥିଲି। କିଛିଦିନ ପରେ ମୋର ଜଣେ ସାଙ୍ଗ ସେଇ ଲେଖାଟି ସ୍କୁଲର ୱାଲ୍ ମାଗାଜିନ୍‌ରେ ବାହାରିଛି ବୋଲି ମତେ ଦେଖାଇଲା। ସେଦିନ ମୋ ଖୁସୀ କହିଲେ ନ ସରେ। ସ୍କୁଲ ପରେ ଖୋର୍ଦ୍ଧା ପ୍ରାଣନାଥ କଲେଜରେ ପ୍ରି-ୟୁନିଭର୍‌ସିଟି ଓ ପୁରୀ ସାମନ୍ତ ଚନ୍ଦ୍ରଶେଖର କଲେଜରେ ବିଏ ସାରିଲି। କଟକ ରେଭେନ୍ସାରେ ପୋଷ୍ଟ ଗ୍ରାଜୁଏଶନ ଏବଂ ବାଣୀବିହାର ଉତ୍କଳ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି ସାରିଲି। ୧୯୭୫ ମସିହା କଥା, ରେଭେନ୍ସାରେ ଏକ ନାଟକ ପରିବେଷଣ ପାଇଁ ଯୋଜନା ହେଲା। ଏଥିପାଇଁ ଜଣାଶୁଣା ନାଟ୍ୟକାର ବିଶ୍ୱଜିତ୍ ଦାସଙ୍କ 'ସମ୍ରାଟ' ନାଟକ ପାଇଁ କଳାକାର ଚୟନ ହୋଇଥିଲା। ଶେଷବେଳକୁ ମୋତେ ଏହି ନାଟକର ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ କହିଥିଲେ। ଏହି ବହିରେ ଏତେବଡ଼ ଚରିତ୍ରରେ ଅଭିନୟ କରିବା ଭାରି କଷ୍ଟ ଥିଲା। ପ୍ରାୟ ୮୦ ପୃଷ୍ଠାର ଡାଏଲଗ୍ ମନେ ରଖିବାକୁ ହେବ ଭାବି ଚିନ୍ତାରେ ପଡ଼ିଗଲି। ଶେଷରେ କଲେଜର ମାଡାମଙ୍କୁ ଯାଇ ମୁଁ ଏହି ରୋଲ୍ କରିପାରିବି ନାହିଁ ବୋଲି ମନା କରିଦେଇଥିଲି। ହେଲେ ମୋ କଥା ମାଡାମଙ୍କଠାରୁ ଶୁଣି -ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ହେମନ୍ତ ଦାସ କହିଥିଲେ, ଆଜିଠାରୁ ଏଠାରେ ନାଟକ ଆଉ ହୋଇପାରିବ ନାହିଁ। ଏଥିଯୋଗୁ ବାଧ୍ୟହୋଇ 'ସମ୍ରାଟ' ନାଟକର କାଲିଗୁଲା ଭୂମିକାରେ ଅଭିନୟ କରିଥିଲି। ମୋର ସଫଳ ଅଭିନୟ ପାଇଁ ମୋତେ ବେଷ୍ଟ ଆକ୍ଟର ଆୱାର୍ଡ ମିଳିଥିଲା। ବିଶେଷକରି ନାଟକରେ କାରୁଣ୍ୟ ଅଭିନୟକୁ ମୁଁ ବେଶି ପସନ୍ଦ କରିଥାଏ। କଲେଜ ଛଡ଼ା ଗାଁରେ ମଧ ବିଭିନ୍ନ ଉତ୍ସବରେ ହେଉଥିବା ଡ୍ରାମାରେ ମୁଁ ଅଭିନୟ କରୁଥିଲି। ବୈଷ୍ଣବ ପାଣିଙ୍କ ଜୟନ୍ତୀ ପାଳନ ବେଳେ ଅନ୍ୟମାନେ କିପରି ଉତ୍ସବକୁ ଆସିବେ ସେଥିପାଇଁ ଆଖପାଖ ଗାଁର କ୍ଲବକୁ ଯାଇ ଚିଠି ଦେଉଥିଲି। ଗାଁରେ ହେଉଥିବା ଡ୍ରାମାରେ ଅଭିନୟ କରୁଥିଲି। ବର୍ତ୍ତମାନ କଟକ ଓ ଭୁବନେଶ୍ୱର ଆଦି ସହରରେ ନାଟକ କେବଳ କେତେକ ଅନୁଷ୍ଠାନରେ ସୀମିତ ହୋଇ ରହିଯାଇଛି। ନାଟକ ପାଇଁ ଉଭୟ ମଞ୍ଚ ଓ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ମୋ କାର୍ଯ୍ୟକାଳ ସମୟର କଥା କହିଲେ କଟକ, ରାଉରକେଲା, ଜୟପୁର ଆକାଶବାଣୀରେ ନିଜର କାର୍ଯ୍ୟ ସମ୍ପାଦିତ କରିଥିଲି। ନାଟକ ପ୍ରତି ଦୁର୍ବଳତା କିନ୍ତୁ ସବୁବେଳେ ରହିଥିଲା। ନାଟକ ଲେଖିବା ସହ ନିର୍ଦ୍ଦେଶନା ବି ଦେଉଥିଲି। ମୋର ଗବେଷଣା ସନ୍ଦର୍ଭ ଥିଲା-'ଅବିଭକ୍ତ କୋରାପୁଟ ଜିଲାର ଲୋକନାଟ ଦେଶୀଆ ନାଟ'। ମୁଁ ଲେଖିଥିବା ନାଟ୍ୟପୁସ୍ତକ ଭିତରେ' ବିଭକ୍ତ ସମୟର ସ୍ୱର', 'ପ୍ରେମ ଉପତ୍ୟକାରେ ଝଡ଼', 'ହଜିଯାଇଥିବା ଈଶ୍ୱର', 'ପ୍ରତୀକ୍ଷା'। ଗୀତିକବିତା 'ଜହ୍ନରାତିର ଗୀତି'। ଅନୁବାଦ- ଜଣେ ଲୋକ ଥିଲା ଏବଂ ଗଳ୍ପ-ବଜରଙ୍ଗୀ ପ୍ରସାଦ ଓ ଅନ୍ୟାନ୍ୟ ଗଳ୍ପ, ମାୟାବତୀର ତୃଷ୍ଣା। ଏହାସହ ଏକାଧିକ କବିତା ପୁସ୍ତକ ମଧ ଲେଖିଛି। ଏଯାଏ ଶତାଧିକ ନାଟକରେ ଅଭିନୟ କରିସାରିଛି। ପ୍ରାୟ ୧୫୦ଟି ରେଡିଓ ନାଟକ ପରିବେଷଣ କରିଛି। ୧୫ରୁ ୨୦ଟି ନାଟକ ବହି ଅନୁବାଦ କରିଛି। ଚଣ୍ଡିଗଡ଼ ଠାରେ ଆୟୋଜିତ ଏକ ଜାତୀୟସ୍ତରୀୟ ଉତ୍ସବରେ -ସଂଗୀତ ରୂପକ- ନଦୀ ତୁ ପୁଣ୍ୟବତୀ କୁ ପ୍ରଯୋଜନା କରିଥିଲି। ଏତଦ୍ ବ୍ୟତୀତ ବିଜୟ ଶତପଥୀଙ୍କ ଲିଖିତ ନାଟକ - କର୍ଣ୍ଣ ,କାରାଗାର ଆତ୍ମାକଥା, ଶୋଣିତ ସ୍ୱାକ୍ଷର, ପ୍ରଳୟ ପରେ ଆଦି ଏକାଧିକ ବେତାର ନାଟକ ପ୍ରଯୋଜନା କରିଛି। ଏପରିକି ବିଶିଷ୍ଟ ସୁସାହିତ୍ୟିକ କାଳନ୍ଦୀ ଚରଣ ପାଣିଗ୍ରାହୀ, ଗୋପୀନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି, ପ୍ରତିଭା ରାୟ, କାହ୍ନୁ ଚରଣ ମହାନ୍ତି ପ୍ରମୁଖଙ୍କ ରଚିତ କେତେକ ଉପନ୍ୟାସକୁ ବେତାର ନାଟକ ଭାବରେ ପ୍ରସ୍ତୁତ କରିଥିଲି। ପୁଣି ଅନ୍ନପୂର୍ଣ୍ଣା ବି ଗ୍ରୁପ୍ କଟକ, ମଞ୍ଚରେ ସୁରେନ୍ଦ୍ର ମହାନ୍ତିଙ୍କ 'ଅଚଳାୟତନ'କୁ ନାଟ୍ୟରୂପ ଦେଇଥିଲି। ସମୟକ୍ରମେ ନାଟ୍ୟଧାରା, ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଉଦ୍ୟମରେ ମୋ ଲିଖିତ ନାଟକ 'ପ୍ରତୀକ୍ଷା' କୁ ନିର୍ଦ୍ଦେଶକ ପ୍ରଶାନ୍ତ ମହାପାତ୍ର ନିର୍ଦ୍ଦେଶନା ଦେଇଥିବା ବେଳେ ସଂଗୀତ ନିର୍ଦ୍ଦେଶନା ଦେଇଥିଲେ ଶିବଶଙ୍କର ତ୍ରିପାଠୀ। ମୋର ଅନେକ ଗୁଡ଼ିଏ ଗୀତ ମଧ୍ୟ ରେକର୍ଡିଂ ହୋଇ ଆକାଶବାଣୀ କଟକରେ ବାଜୁଛି। କିଛି ଗୀତ ୟୁଟ୍ୟୁବ୍‌ରେ ମଧ୍ୟ ପ୍ରସାରିତ। ଗୀତ ଲେଖିବାକୁ ଭଲ ଲାଗେ। ମୋ ମତରେ ବହୁ ପ୍ରାଚୀନ ଓ ଚିତ୍ତାକର୍ଷିତ ଲୋକକଳା, ଲୋକ ନାଟକ, ଲୋକନୃତ୍ୟ, ଲୋକ ସଂଗୀତ ଆଦି ବଳିଷ୍ଠ ଓ ମନୋରଞ୍ଜନଧର୍ମୀ କଳା ଭାରତର ପ୍ରତିଟି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଭିନ୍ନ ଭିନ୍ନ ପ୍ରକାରରେ ବଞ୍ଚିରହିଛି। ମାତ୍ର ଲୋକନୃତ୍ୟ, ଲୋକସଂଗୀତ ଓ ଲୋକ ନାଟକର ପ୍ରଚାର ପ୍ରସାର ଠିକଭାବେ ହେଉନାହିଁ। କିଶୋର ମହାନ୍ତିଙ୍କ ସାମଗ୍ରିକ କଳା କ୍ଷେତ୍ରରେ ତାଙ୍କ ଅବଦାନ ପାଇଁ ତାଙ୍କୁ 'ବିଷୁବ ଅନୁବାଦ ସାହିତ୍ୟ ପୁରସ୍କାର', 'ଗୋକର୍ଣ୍ଣିକା ପୁରସ୍କାର', 'ପୂର୍ଣ୍ଣେନ୍ଦୁ ମିଶ୍ର ସ୍ମୃତି ସ୍ମାରକୀ, କଳିଙ୍ଗ ପୁସ୍ତକ ମେଳା , ଚଣ୍ଡିଗଡ଼ ଠାରେ ଆୟୋଜିତ ଜାତୀୟସ୍ତରରେ ଆକାଶବାଣୀ ବାର୍ଷିକ ଉତ୍ସବ ଆଦି ଆହୁରି ଅନେକ ପୁରସ୍କାର ଓ ସମ୍ମାନିତ ହେଇଛନ୍ତି। -ବନବିହାରୀ



















# ପ୍ରତ୍ୟାବର୍ତ୍ତନ

–ଲିନାରାଣୀ ଧଳ ମଙ୍ଗରାଜ

ସେଦିନ ରାତି ସରୁ ନ ଥିଲା। ଯଦିଓ ଦିନଠୁ ରାତି ତା'ର ଅଧିକ ପସନ୍ଦ କିନ୍ତୁ ଏତେ ଲମ୍ବା ରାତି! ଅମାବାସ୍ୟାର ଜହ୍ନ, ଶୂନ୍‌ଶାନ୍ ନୀରବତା, ନିରୀହ ନିର୍ଜନତା, ଅସ୍ପଷ୍ଟ ତାରା ସମସ୍ତେ ଯେମିତି ଅଣ୍ଟା ଭିଡ଼ି ବସିଛନ୍ତି ତା'ର ପ୍ରିୟ ରାତିଠୁ ତାକୁ ଦୂରେଇ ନେଇଯିବା ପାଇଁ। ସେ ଘରଠୁ ଦୂରେଇ ଯାଇଛି। ସବୁଦିନ ଗୋଟିଏ କଥା ଶୁଣି ଶୁଣି ବିରକ୍ତ ଲାଗିଲାଣି ତାକୁ। ତା'ର ଚାକିରି କେବେ ହେବ। ନ ହେଲେ ତା'ର ରୋଜଗାର ପନ୍ଥା କ'ଣ! ପଚିଶ ପୂରି ଛବିଶ ହେବ ଆଉ କେତୋଟି ହାତଗଣତି ଦିନ ପରେ। ତା' ଚାକିରି ପାଇଁ ଯେ କେତେକଥା ଅଟକି ଯାଇଛି, ସେସବୁ ତାକୁ ବିବ୍ରତ କରିପକାଇଲାଣି। ସର୍ବଗୁଣସମ୍ପନ୍ନା ନାନୀର ଯୌତୁକ ପାଇଁ ବାହାଘର ଭାଙ୍ଗିଯିବା, ପ୍ରତି ମୁହୂର୍ତ୍ତ ପେଟ ଯନ୍ତ୍ରଣାରେ କଷ୍ଟ ପାଉଥିବା ବୋଉର ଅପରେଶନ, ମୁନାର ବହୁ ଆକାଂକ୍ଷିତ ଇଞ୍ଜିନିୟରିଂ ଆଡ୍‌ମିଶନ। ଦିନରାତି ଖଟି ଖଟି ସମସ୍ତଙ୍କ ମୁହଁରେ ଦାନା ଯୋଗାଉଥିବା ବାବା ଯେ କ୍ଳାନ୍ତ ହୋଇପଡ଼ିଲେଣି, ତାଙ୍କୁ ମଧ୍ୟ ବିଶ୍ରାମ ଦରକାର। ସମସ୍ତଙ୍କ ଆଶା ତା' ଉପରେ ଅଥଚ ସେ ପାରୁନି। ତେଣୁ ସେ ସବୁକିଛିକୁ ପଛରେ ଛାଡ଼ି ଏକମୁହାଁ ବାହାରି ଯାଉଛି । ପଳାତକର ବା ସ୍ୱପ୍ନ କ'ଣ?

ରାତି ବି କିଛି ଚଢ଼େଇ, ଜୀବଜନ୍ତୁଙ୍କୁ ଚଳଚଞ୍ଚଳ କରିଦେଇଛି। କେଉଁ ଚଢ଼େଇର ବିକଳ ଆର୍ତ୍ତନାଦ ତାକୁ ବୋଉର ପଣତ ମନେପକାଇ ଦେଲା। ଡରିଗଲେ ସେ ମୁହଁ ଲୁଚାଉଥିଲା ବୋଉ ପଣତରେ। କିଛି ତ କରିବାକୁ ପଡ଼ିବ ତାକୁ ତା ବୋଉ ପାଇଁ, ତା ପରିବାର ଲାଗି। ଆଗକୁ ବଢୁଥିବା ପାଦ ଏକାନିଃଶ୍ୱାସରେ ପଛକୁ ଫେରି ଘରେ ପହଞ୍ଚିଗଲା।

ସବୁଦିନ ରାତି ପରି ବାବା, ବୋଉ, ନାନୀ, ମୁନା ସମସ୍ତେ ଅପେକ୍ଷା କରିଥିଲେ ତାକୁ, ରାତିର ଖାଇବା ସାଙ୍ଗହୋଇ ମିଶିକି ଖାଇବା ପାଇଁ।

*–ଶତାବ୍ଦୀ ନଗର, ଭୁବନେଶ୍ୱର*
*ମୋ: ୮୨୪୯୦୮୩୪୭୭*

## ଦୁଇଟି କବିତା

–ରଶ୍ମୀ ମହାପାତ୍ର

### ୧. ଯୋଗ

ଖାଲି, ଅଧା ନା ଭର୍ତ୍ତି?
ପିତ୍ତଳ ଗ୍ଲାସ୍ ଯାଚନି ହୋ,
ଖିରି ପରଷିବ ଯେ
ପାରନି କଣା ଖଲି,
ଦୂବ ତଳ ଛାଇର
ଲୋଭ ଦେଖାଅନି,
ବର୍ତ୍ତିବାର ଯୋଗ ନାହିଁ
ମାଠିଆର ଶୋଷରୁ
ହାଣ୍ଡିର ଭୋକରୁ
ନିଜ ଭାଗ ଖରାରୁ।

### ୨. ସମାରୋହ

ସେ ମୁହଁମାନେ
ଆସିବେ ଇ ଆସିବେ
ଗୋଟେ ଡାକରାରେ
କଳା ବୋଳ, ନୀଳ ବୋଳ
ଦେଖେଇଦେବେ
ଗାଲ ନାକ କପାଳ,
କରିଆ ଗୁଡ଼େଇ
ଡଂଗାକୁ ମୁଣ୍ଡେଇ
ପହଁରି ପହଁରି ଆସିବେ,
ଡରେଇଦିଅ
ପଡ଼ିଉଠି ଧାଇଁବେ ଖାଲିପାଦ
କଣ୍ଟାବଣ, ତୋରାବାଲି
ଖରା ତରା ମାଡ଼ି
ଲୁହ ରକ୍ତ ପୋଛି ପୋଛି,
ତୁମେ ଶିଖାଇଥିବା ଗୀତଟି
ଅବଶ୍ୟ ମୁଖସ୍ଥ କରି ଆସିବେ,
ଫୁଲମାଳରେ ତୁମ ବେକ
ନଇଁପଡ଼ିଥିବ।

*– ଓଶିୱାରା, ମୁମ୍ବାଇ*
*ମୋ: ୯୩୨୪୯୬୮୭୮୯*

## ଯୁଗଳବନ୍ଦୀ

– ସୁମିତା ବେହେରା (ବାପି)

ଝାସ ଦେଲି ଯଦି
ତୋ' ପ୍ରୀତି ନିଆଁରେ
ଦେବୁ ନାହିଁ ମୋର ଦୋଷ,
ଦୀପଶିଖା ପାଇଁ
ପତଙ୍ଗର ତୃଷ୍ଣା
ଥାଏ କି ତା' ଅବସୋସ।

ସପନ ପଖଳା
ଜହ୍ନରାତିଟିଏ
ତୁମେ କି ଚାହିଁନ କେବେ!
ଭିଜୁଛି ଆଜି ମୁଁ
କାହିଁକି କୁହ ତ
ଭରା ଶ୍ରାବଣରେ ଏବେ?

– ଭୁବନେଶ୍ୱର
*ମୋ: ୭୮୦୯୨୩୬୦୪୩*



www.DesktopBackgro

# କେବେ ଭାବି ନ ଥିଲେ ଜ୍ୟାକ୍‌ଲିନ

ଶ୍ରୀଲଙ୍କା ସୁନ୍ଦରୀ ଟାଇଟଲ ବିଜୟିନୀ ଜ୍ୟାକ୍‌ଲିନ ଫର୍ନାଣ୍ଡିସ କେବେ ଭାବି ନ ଥିଲେ ଯେ, ସେ ଦିନେ ଅଭିନୟ ଦୁନିଆରେ ପାଦ ଥାପିବେ। ୟୁନିଭର୍ସିଟି ଅଫ ସିଡନୀରୁ ମାସ୍ କମ୍ୟୁନିକେଶନରେ ଡିଗ୍ରୀ ହାସଲ କରିବା ପରେ ସେ ବୈଦ୍ୟୁତିକ ଗଣମାଧ୍ୟମରେ ସାମ୍ବାଦିକା ଭାବରେ କିଛି ଦିନ କାର୍ଯ୍ୟ କରିଥିଲେ। ତା'ପରେ ସେ ମଡେଲିଂ ଦୁନିଆରେ ପ୍ରବେଶ କଲେ ଓ ୨୦୦୬ରେ 'ଶ୍ରୀଲଙ୍କା ସୁନ୍ଦରୀ' ମୁକୁଟ ପିନ୍ଧିଲେ। ୨୦୦୯ରେ ନିର୍ଦ୍ଦେଶକ ସୁଜୟ ଘୋଷ ତାଙ୍କୁ 'ଆଲ୍ଲାଦିନ୍'ରେ ନାୟିକା ଭୂମିକାରେ ଅଭିନୟ କରିବାର ସୁଯୋଗ ଦେଇଥିଲେ। ତା'ପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ଅନେକ ଚଳଚ୍ଚିତ୍ରରେ କାମ କରି ସାଉଁଟିଛନ୍ତି ପ୍ରଶଂସା। ଜ୍ୟାକଲିନ୍ କୁହନ୍ତି, ''ମାସ୍ କମ୍ୟୁନିକେଶରେ ଡିଗ୍ରୀ ହାସଲ ପରେ ମୁଁ କେବେ ଭାବି ନ ଥିଲି ଯେ ଦିନେ ଆକ୍ଟିଂକୁ କ୍ୟାରିୟର କରିବି ବୋଲି। ମୋର ସୌଭାଗ୍ୟ ଯେ ୟା ଭିତରେ ମୁଁ ବେଶ୍ କେତୋଟି ହିଟ୍ ସିନେମାରେ ଅଭିନୟ କରିସାରିଲିଣି।'' ନିକଟରେ ସେ ଅଭିନୟ କରିଥିବା ଏକ ମ୍ୟୁଜିକ ଭିଡିଓ 'ଷ୍ଟର୍ମରାଇଡର'ର ଟିଜର ରିଲିଜ ହୋଇ ତାହା ବେଶ୍ ଭାଇରାଲ ହୋଇଛି।


ଜ୍ୟାକ୍‌ଲିନ

# ଭୁଲନ୍ତି ନାହିଁ କରୀନା

କରୀନା କପୁର ଗୋଟିଏ କଥାକୁ କଦାପି ଭୁଲି ନ ଥାନ୍ତି। ଶୁଟିଂକୁ ଯିବା ପୂର୍ବରୁ ସେ ସାଙ୍ଗରେ ଏହାକୁ ଯେମିତି ହେଲେ ନେଇଥାଆନ୍ତି। ହେଲେ ତାହା ଏମିତି କ'ଣ ଯେ ସେଥିପାଇଁ ବେଶ୍ ତତ୍ପର ଥାଆନ୍ତି ଏହି ଅଭିନେତ୍ରୀ ? କଥା କ'ଣ କି ଶୁଟିଂ ସମୟରେ ସେ କଦାପି ସେଠାକାର ଖାଦ୍ୟ ଖାଆନ୍ତି ନାହିଁ। ସବୁବେଳେ ନିଜ ଘରେ ପ୍ରସ୍ତୁତ ଖାଦ୍ୟ ଖାଇଥାଆନ୍ତି। ଏ ସମ୍ପର୍କରେ କରୀନା କହନ୍ତି, ''ଘର ଖାଦ୍ୟ ଖାଇବା ମୋର ପିଲାଟି ଦିନରୁ ଅଭ୍ୟାସ। କାରଣ ମୁଁ ସବୁବେଳେ ନିଜ ସ୍ୱାସ୍ଥ୍ୟ ଏବଂ ଫିଟ୍‌ନେସ୍‌କୁ ନେଇ ବେଶ୍ ସଚେତନ ଥାଏ। ତେଣୁ ଶୁଟିଂ ପାଇଁ ଯିବା ପୂର୍ବରୁ ମୁଁ ଘରେ ପ୍ରସ୍ତୁତ ଖାଦ୍ୟ ସାଙ୍ଗରେ ନିଏ। ଏହି ଧାରା ମୁଁ ଏ ପର୍ଯ୍ୟନ୍ତ ବି ବଜାୟ ରଖିଛି। ହଁ, ଏଇ ନିକଟରେ ମୋ ଅଭିନୀତ 'ବକିଂଙ୍ଗହାମ ମଡରର୍ସ' ରିଲିଜ ହୋଇଛି। ହେଲେ ଏହାର ଓପନିଂ ରେସପନ୍ସ ସେତେଟା ଭଲ ମିଳିନାହିଁ। ତେବେ ବି ଏହି ସସପେନ୍ସ ଥ୍ରୀଲର କାହାଣୀକୁ ଦର୍ଶକ ନିଶ୍ଚୟ ବୁଝିବେ ଏବଂ ଫିଲ୍ମଟି ବକ୍ସ ଅଫିସରେ ଭଲ ବିଜନେସ କରିବ ବୋଲି ମୋର ଆଶା ରହିଛି।'' ଖାସ୍ କଥା ହେଲା ଚଳିତ ବର୍ଷ ଦୀପାବଳିରେ ତାଙ୍କ ଅଭିନୀତ 'ସିଙ୍ଘମ ଏଗେନ୍' ରିଲିଜ ହେବାକୁ ଯାଉଛି। ରୋହିତ ସେଟ୍ଟିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅଜୟ ଦେବଗନ, ସନ୍ନି ଦେଓଲ, ରଣବୀର ସିଂ, ଦୀପିକା ପାଦୁକୋନ୍, ଅକ୍ଷୟ କୁମାର, ଟାଇଗର ଶ୍ରଫ, ଅର୍ଜୁନ କପୁର ଏବଂ ଜ୍ୟାକି ଶ୍ରଫ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଏହି ବିଗ୍ ବଜେଟ୍ ଫିଲ୍ମ ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିବ ବୋଲି ଅନୁମାନ କରାଯାଉଛି।


କରୀନା

# କେବେ ପ୍ରେମିକା, କେବେ ମା'

ଜଣେ କଳାକାର ତା'ର ଅଭିନୟ ଜୀବନରେ ଭିନ୍ନ ଭିନ୍ନ ଚରିତ୍ରରେ ପରଦା ଉପରକୁ ଆସିବାକୁ ଚାହେଁ। ହେଲେ ଅନେକ ଅଭିନେତ୍ରୀ ମା' ଭୂମିକା, ଖାସ୍‌କରି ନିଜ ସମବୟସ୍କ ଅଭିନେତାଙ୍କ ମା' ହେବାକୁ ରାଜି ହୋଇ ନ ଥାଆନ୍ତି। ତେବେ ହିନ୍ଦୀ ସିନେମାରେ କେତେଜଣ ଅଭିନେତ୍ରୀ ପ୍ରଥମେ ଯେଉଁ କଳାକାରଙ୍କ ଅପୋଜିଟ୍‌ରେ ନାୟିକା ସାଜିଥିଲେ ପରବର୍ତ୍ତୀ ସମୟରେ ତାଙ୍କର ମା' ଭୂମିକାରେ ଅଭିନୟ କରିଥିବାର ଦେଖିବାକୁ ମିଳିଛି। ସେମାନଙ୍କ ମଧ୍ୟରୁ ଜଣେ ହେଲେ ୱାହିଦା ରେହମାନ୍। ୧୯୭୬ରେ ରିଲିଜ ହୋଇଥିବା 'ଅଦାଲତ'ରେ ସେ ଅମିତାଭ ବଚ୍ଚନଙ୍କ ପ୍ରେମିକା ଭୂମିକାରେ ଅଭିନୟ କରିଥିଲେ। କିନ୍ତୁ ୧୯୭୮ ମସିହାରେ ରିଲିଜ ହୋଇଥିବା 'ତ୍ରିଶୂଳ' ଫିଲ୍ମରେ ସେ ତାଙ୍କର ମା' ରୋଲ୍‌ରେ ଦେଖାଦେଇଥିଲେ।

# ଫେରୁଛନ୍ତି ଇମ୍ରାନ

ଇମ୍ରାନ ଖାଁ ବେଶ୍ କିଛି ବର୍ଷର ଗ୍ୟାପ୍ ପରେ ପୁଣି ଥରେ ଆକ୍ଟିଂ ମଇଦାନକୁ ଓହ୍ଲାଉଛନ୍ତି। ହେଲେ ଏହା ପଛରେ ତାଙ୍କର ମାମୁଁ ତଥା ବଲିଉଡ୍‌ର 'ମିଷ୍ଟର ପରଫେକ୍ଟନିଷ୍ଟ' ଭାବରେ ପରିଚିତ ଆମୀର ଖାଁଙ୍କ ଭୂମିକାକୁ ଯେତେ ପ୍ରଶଂସା କରିବ ତାହା କମ୍ ହେବ। କଥା କ'ଣ କି ଆମୀର ଏବେ ଏକ ନେଟଫ୍ଲିକ୍ସ ଫିଲ୍ମ ପ୍ରଯୋଜନା କରୁଛନ୍ତି। ଏହାର କାହାଣୀ ଫାଇନାଲ ହେବା ପରେ ଯେତେବେଳେ ସେ କାଷ୍ଟିଂ କଥା ଚିନ୍ତା କଲେ ସେତେବେଳେ ଇମ୍ରାନଙ୍କ ବିଷୟରେ ଭାବିଥିଲେ। ତେଣୁ ତାଙ୍କ ସହ ଯୋଗାଯୋଗ କଲେ। ଆଉ ଏଭଳି ଅଫରକୁ ଏଡାଇ ପାରି ନ ଥିଲେ ଇମ୍ରାନ୍। ଏ ନେଇ ଇମ୍ରାନ କହନ୍ତି, 'ମାମୁଁ ଯେତେବେଳେ ମୋତେ ଏହାର କାହାଣୀ ଶୁଣାଇଲେ ମୁଁ ଭାବିଲି, ଏଭଳି ଅଫରକୁ ହାତଛଡା କରିବା ଠିକ୍ ହେବ ନାହିଁ। ତେଣୁ କିଛି ବର୍ଷର ଗ୍ୟାପ୍ ପରେ ପୁଣି ଥରେ ଆକ୍ଟିଂକୁ ଫେରୁଛି। ଆଶା ରଖିଛି ଏହି ଫିଲ୍ମରେ ମୋ ଭୂମିକାକୁ ଦର୍ଶକ ପସନ୍ଦ କରିବେ।' ଇମ୍ରାନ୍‌ଙ୍କ ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା 'କୟାମତ୍ ସେ କୟାମତ୍ ତକ୍'ରୁ। ଆମୀରଙ୍କ ଏହି ଡେବ୍ୟୁ ଫିଲ୍ମରେ ସେ ଶିଶୁ କଳାକାର ଭାବରେ ଅଭିନୟ କରିଥିଲେ। କେବଳ ସେତିକି ନୁହେଁ, ଆମୀରଙ୍କ ପ୍ରଯୋଜିତ 'ଜାନେ ତୁ..ୟା ଜାନେନା'ରେ ସେ ପ୍ରଥମ ଥର ପାଇଁ ନାୟକ ସାଜିଥିଲେ।


ଇମ୍ରାନ

# ପାଖେଇ ଆସୁଛି ଦିନ

ଦିନ ଥିଲା ବଲିଉଡ୍‌ରେ ସେ ରାଜ୍ କରୁଥିଲେ। ହେଲେ ବିଦେଶରେ ଘର ସଂସାର କରିବା ସହ ହଲିଉଡ୍ ଫିଲ୍ମରେ ଆକ୍ଟିଂ କରିବା ପରେ ବଲିଉଡ୍‌ରୁ ସେ କିଛିଟା ଦୂରେଇ ଯାଇଛନ୍ତି। ସେ ହେଲେ ପ୍ରିୟଙ୍କା ଚୋପ୍ରା। ତେବେ ଆସନ୍ତା ମାସରେ ତାଙ୍କ ଅଭିନୀତ ମରାଠୀ ସିନେମା 'ପାନି' ରିଲିଜ ହେବାକୁ ଯାଉଛି। ଆଉ ଏହାକୁ ନେଇ ବେଶ୍ ଉତ୍ସୁକ ଅଛନ୍ତି ଏହି ଅଭିନେତ୍ରୀ। ଏହି ସିନେମା ସମ୍ପର୍କରେ ପ୍ରିୟଙ୍କା କହନ୍ତି, ''ଚଳିତ ବର୍ଷ ଅକ୍ଟୋବରରେ ମୋ ଅଭିନୀତ ମରାଠୀ ଫିଲ୍ମ 'ପାନି' ରିଲିଜ ହେବାକୁ ଯାଉଛି। ଏହାର କାହାଣୀରେ ଭିନ୍ନତା ରହିଛି। ମହାରାଷ୍ଟ୍ରର ମରାଠାୱାଡା ଅଞ୍ଚଳରେ ପାଣି ସମସ୍ୟାକୁ ଆଧାର କରି ଚିତ୍ରଟିର କାହାଣୀ ରଚନା କରାଯାଇଛି। ପାଣିର ମହତ୍ତ୍ୱ ଏବଂ ଏହାର ସଂରକ୍ଷଣ ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି। ଫିଲ୍ମଟିରେ ଜନସାଧାରଣଙ୍କ ପାଇଁ ଅନେକ ବାର୍ତ୍ତା ରହିଛି। ତା'ସହ ପାଣି ସମ୍ପର୍କରେ ଲୋକମାନଙ୍କୁ ସ୍ୱତନ୍ତ୍ର ଭାବରେ ସଚେତନ କରିବା ପାଇଁ ମୁଁ ନିଜେ ଏକ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯୋଜନା କରୁଛି। ଜଣେ ଅଭିନେତ୍ରୀ ଭାବରେ କେବଳ ଦର୍ଶକଙ୍କ ମନୋରଞ୍ଜନ କଲେ ହେବ ନାହିଁ, ନିଜକୁ କିଛି ଜନସଚେତନତାମୂଳକ କାର୍ଯ୍ୟକ୍ରମରେ ସାମିଲ କରିବା ବି ଜରୁରୀ।'' ତେବେ ଏହି ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବାକୁ ବାକି ରହିଲା।


ପ୍ରିୟଙ୍କା

# ଦୁର୍ଗା

ଏଥର ଦୁର୍ଗା ପୂଜା ଅବସରରେ ରିଲିଜ ହେବାକୁ ଯାଉଥିବା ଫିଲ୍ମଗୁଡିକ ମଧ୍ୟରେ ରହିଛି 'ଦୁର୍ଗା'। ଏକ ନାରୀକୈନ୍ଦ୍ରିକ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ଏହି ଚଳଚ୍ଚିତ୍ରର ପ୍ରଯୋଜକ ହେଉଛନ୍ତି ଯୁବ ପ୍ରଯୋଜକ କୁମାର ପ୍ରୀତମ ସାହୁ। ଚଳଚ୍ଚିତ୍ରର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ପୁନମ୍ ମିଶ୍ର। କାହାଣୀ ରଚନା କରିବା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଆଗଧାଡିର ନିର୍ଦ୍ଦେଶକ ତାପସ ସରଘରିଆ। ସଂଳାପ ଲେଖିଛନ୍ତି ଅନ୍ତର୍ଯ୍ୟାମୀ ସରଘରିଆ। ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ଅଭିଜିତ ମଜୁମଦାର। ଏଥିରେ ଇଶା ତଲୱାର, ରାଜ୍ ରାଜେଶ, ଅଭିଷେକ ଗିରି, ହରି, ପୁଷ୍ପା ପଣ୍ଡା, ଶକ୍ତି ବରାଳ, ଏବଂ ବିଦ୍ୟୁସ୍ମିତା ପ୍ରମୁଖ ଅଭିନୟ କରିଛନ୍ତି।


ପୁନମ୍

# ଖୋଜିଲା ଚିଜ ମିଳିଗଲା..

କଥାରେ ଅଛି ଖୋଜିଲା ଚିଜ ମିଳିଗଲା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କର ଖୁସି ବନ୍ଧ ବାଡ ମାନି ନ ଥାଏ। ଆଉ ସେଥିରୁ ତୃପ୍ତି ଡିମ୍‌ରି ବା ବାଦ୍ ପଡନ୍ତେ କିପରି ? କଥା କ'ଣ କି ନିକଟରେ ତାଙ୍କୁ ଏକ ଭଲ ଫିଲ୍ମର ଅଫର୍ ମିଳିଛି। ନିର୍ଦ୍ଦେଶକ ଅନୁରାଗ ବସୁଙ୍କ ଆଗାମୀ ଫିଲ୍ମରେ ସେ ନାୟିକା ସାଜୁଛନ୍ତି। ଯେତେବେଳେ ତାଙ୍କୁ ଏ ନେଇ ଖୋଦ୍ ନିର୍ଦ୍ଦେଶକ ସୂଚନା ଦେଲେ ସେତେବେଳେ ସେ ଏକଥାକୁ ସହଜରେ ବିଶ୍ୱାସ କରିପାରି ନ ଥିଲେ। ଏ ନେଇ ତୃପ୍ତି କହନ୍ତି, 'ଅନୁରାଗ ସାର୍‌ଙ୍କ ଫିଲ୍ମରେ କାମ କରିବାର ଚାର୍ମ ନିଆରା। ଯେତେବେଳେ ସେ ମୋତେ ଏ ନେଇ ସୂଚନା ଦେଲେ ସେତେବେଳେ ତାହାକୁ ମୁଁ ସହଜରେ ବିଶ୍ୱାସ କରିପାରି ନ ଥିଲି। ଏଥିରେ ମୋ ଅପୋଜିଟ୍‌ରେ ଅଛନ୍ତି କାର୍ତ୍ତିକ ଆର୍ଯ୍ୟନ। ଏହି ଫିଲ୍ମରେ ମୋତେ ଏକ ରୋମାଣ୍ଟିକ ଭୂମିକା ମିଳିଛି, ଯାହା ମୋ କ୍ୟାରିୟର ପାଇଁ ଶୁଭପ୍ରଦ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି।' ଅନୁରାଗଙ୍କ ନିର୍ଦ୍ଦେଶନାରେ ଏହି ଫିଲ୍ମର ଟାଇଟଲ ରହିଛି 'ଆଶିକୀ-୩'। ଭୂଷଣ କୁମାର ଏହାର ପ୍ରଯୋଜନା କରିଛନ୍ତି। ଚଳିତ ମାସ ୨୪ରୁ ଉକ୍ତ ଚିତ୍ରର ଶୁଟିଂ ଆରମ୍ଭ ହୋଇଯାଇଛି ଏବଂ ଆସନ୍ତା ବର୍ଷ ଫେବୃୟାରୀ ସୁଦ୍ଧା ଶୁଟିଂ ଶେଷ କରିବାକୁ ସ୍ଥିର କରାଯାଇଛି। କେବଳ ସେତିକି ନୁହେଁ, ଭୂଷଣ କୁମାରଙ୍କ ପ୍ରଯୋଜିତ ଏବଂ ଆନିସ ବାଜମୀଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ଭୂଲ୍ ଭୁଲେୟାଁ-୩'ରେ ମଧ୍ୟ କାର୍ତ୍ତିକ-ତୃପ୍ତି ଯୋଡି ଦେଖିବାକୁ ମିଳିବ। ଏହି ଫିଲ୍ମଟି ଚଳିତ ବର୍ଷ ନଭେମ୍ବର ୧ରେ ରିଲିଜ ହେବାର ଯୋଜନା ରହିଛି।


ତୃପ୍ତି ଡିମ୍ରି

ପ୍ରଥମ ରୋଜଗାର

# ପ୍ରଥମ ରୋଜଗାର ଟଙ୍କା ମା'ଙ୍କୁ ଦେଇଥିଲି



ସାହିତ୍ୟିକ ନିରଞ୍ଜନ ନାୟକ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ମୁଁ ମହାବିଦ୍ୟାଳୟ ଶିକ୍ଷା ସମାପ୍ତ ପରେ ଚାକିରି ସନ୍ଧାନରେ ଥିଲି। ପରେ ନିଜ ଗାଁ ଶିଶୁ ବିଦ୍ୟାମନ୍ଦିରରେ ଶିକ୍ଷକ ରୂପେ ଯୋଗଦେଇଥିଲି। ସେଠିକାର ଶିକ୍ଷାଦାନ ପଦ୍ଧତି ଅତି ଉନ୍ନତ। କ୍ରମଶଃ ମୋର ଶିକ୍ଷକ ରୂପେ ଦାୟିତ୍ୱବୋଧ ବଢ଼ିଲା। ମୋର ଅନୁଭବ ହେଲା, ଶିକ୍ଷକ ହେବା ଏବଂ ଶିକ୍ଷାଦାନ କରିବା ଏକ ଭିନ୍ନ ଓ ଗୁରୁତ୍ୱପୂର୍ଣ୍ଣ କଥା। ସେହି ବିଦ୍ୟାଳୟରେ ମୋର ପ୍ରଥମ ରୋଜଗାର ଥିଲା ମାତ୍ର ପାଞ୍ଚଶହ ଟଙ୍କା ; ଯାହାକୁ ଆଣି ମୁଁ ମୋ ମା'ଙ୍କ ହାତରେ ଦେଇଥିଲି। କିଛିଦିନ ସେଇ ବିଦ୍ୟାଳୟରେ ଶିକ୍ଷାଦାନ କଲାପରେ ଓଡ଼ିଶା ସରକାରଙ୍କ ଶିକ୍ଷକ ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଜୟପୁରରେ ସରକାରୀ ଶିକ୍ଷକ ତାଲିମ୍ ପାଇଁ ମୁଁ ଯୋଗ୍ୟ ବିବେଚିତ ହେଲି। ବିଷମକଟକ ଭାୟା ସୁନାବେଡ଼ା ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନରେ ତାଲିମ୍ ନେବା ପରେ କିଛିଦିନ ରାୟଗଡ଼ା କେନ୍ଦ୍ରୀୟ ବିଦ୍ୟାଳୟରେ ଶିକ୍ଷକ ଭାବେ ଯୋଗଦେଲି। ପରେ ଟିକିରି ସରକାରୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟ କିଛିଦିନ ଶିକ୍ଷକତା କଲି। ଆଉ ବର୍ତ୍ତମାନ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ କାଶୀପୁରଠାରେ ଏଗ୍ରିକଲ୍‌ଚର ଅଫିସର(ଏଓ) ରୂପେ ଅବସ୍ଥାପିତ। ସେତେବେଳର ପାଞ୍ଚଶହ ଟଙ୍କା ବର୍ତ୍ତମାନ ରୋଜଗାରଠାରୁ କମ୍ ହୋଇପାରେ କିନ୍ତୁ ପ୍ରଥମ ରୋଜଗାର ମନରେ ନିଆରା ପୁଲକ ଭରିଦେଇଥିଲା। ଏହା ମୋତେ ଆଗକୁ ବଢ଼ିବାର ପ୍ରେରଣା ଯୋଗାଇଥିଲା ; ଯାହାର ଫଳସ୍ୱରୂପ ଆଜି ମୁଁ ଏହି ସ୍ଥାନରେ ଆସି ପହଞ୍ଚିପାରିଛି। ତେବେ ବୃତ୍ତି ମୋର ସରକାରୀ ଚାକିରି ହେଲେ ହେଁ ପ୍ରବୃତ୍ତି କିନ୍ତୁ ଲେଖାଲେଖି। ମୋ ଅଜା ସ୍ୱର୍ଗତ ଘାସିରାମ ନାୟକ ଟିକିରି ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଥିଲେ। ତାଳପତ୍ର ପୋଥିରେ ଅଜାଙ୍କ ଲିଖିତ ବିଭିନ୍ନ ଉପାଦେୟ ଲେଖା ଆମ ଘରେ ସାହିତ୍ୟ ଲେଖିବାର ପରିବେଶ ସୃଷ୍ଟି କରିଥିଲା। ଏହାସହ ମା' ଭଗବତୀଙ୍କ ଆଶୀର୍ବାଦରୁ ନବମ ଶ୍ରେଣୀରୁ ମୁଁ କବିତା ମନସ୍କ ହେଲି। ବିଦ୍ୟାଳୟର ପାଠ୍ୟପୁସ୍ତକ, ମୋର ଶିକ୍ଷକ, କାଶୀପୁର ମାଟିର ପ୍ରକୃତିକୋଳ, ବରିଷ୍ଠ ସାହିତ୍ୟିକମାନଙ୍କର ପ୍ରେରଣା ସହ ମୋ ମା'ବାପାଙ୍କ ସହଯୋଗ ମୋତେ ଲେଖାଲେଖି ଦିଗରେ ଆଗେଇନେଲା। କ୍ରମଶଃ ମୋର କବିତା, ଫିଚର, ସ୍ତମ୍ଭ, ଗଳ୍ପଗୁଡ଼ିକ ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ପ୍ରକାଶିତ ହେଲା। କାଶୀପୁର ଭଳି ଉପାନ୍ତ ଅଞ୍ଚଳରେ ସାହିତ୍ୟର ପରିବେଶ ସୃଷ୍ଟି କରିବା କାଠିକର ପାଠ, ତଥାପି ଯେ ଅସମ୍ଭବ ନୁହେଁ ଏହା ମୁଁ ଅନୁଭବ କଲି। ଏଠାକାର ଦିଗନ୍ତ ବିସ୍ତାରିତ ମାଳଭୂମି, ସୌନ୍ଦର୍ଯ୍ୟ ବିମଣ୍ଡିତ ପ୍ରକୃତିକୋଳ କବିପ୍ରାଣ ମନକୁ ଆନମନା କରିଦିଏ। ଏହାଛଡ଼ା ଜଣେ ଚାହିଁଲେ ଜନଜାତିଙ୍କ ଉପରେ ଗବେଷଣା ବି କରିପାରିବେ। ମୋର ଏ ଜନଜାତିଙ୍କ ସମ୍ପର୍କରେ ଲିଖିତ ପ୍ରଥମ ପୁସ୍ତକ ହେଉଛି 'ପେଙ୍ଗ ପରଜା'। ସବୁବେଳେ ମୁଁ ମୌଳିକ ଲେଖାକୁ ଗୁରୁତ୍ୱ ଦେଇଆସିଛି। କିଛି ନୂଆ କରିବା ଦିଗରେ ଅଧିକ ଯତ୍ନଶୀଳ ହୋଇଛି।

# ଏପଟେ ଛାଇକୁ ସେପଟେ ଖରା, ରଙ୍ଗୀଲା ରାଧିକା ନ ଦିଏ ଧରା

**ପ୍ରଶ୍ନ**–ମୋ ମନର ରଙ୍ଗୀଲା ରାଧିକା ସହଜରେ ଧରା ଦେଉନି। ସେ ମୋ ସହ ଏମିତି ଖେଳୁଛି ନା ତା' ମନରେ ଆଉ କିଛି ଅଛି ?

*–ସରୋଜ କୁମାର, ବାଲେଶ୍ୱର*

**ଉତ୍ତର:** ପ୍ରେମରେ ଲୁଚକାଳି ଖେଳର ମଜା ନିଆରା। ଆପଣଙ୍କ ପ୍ରେମିକା ସହଜରେ ଧରା ଦେଉନି। ଅର୍ଥାତ୍, କେତେବେଳେ ନା କେତେବେଳେ ସାକ୍ଷାତ ହେଉଛି। ଏହି ପ୍ରେମର ଛାଇ ଆଲୁଅ ଖେଳର ମଜା ନିଅନ୍ତୁ ନା! 'ଏପଟେ ଛାଇକୁ ସେପଟେ ଖରା, ରଙ୍ଗୀଲା ରାଧିକା ନ ଦିଏ ଧରା'। ଏହାକୁ ଏତେ ସିରିୟସଲି ନ ନେବା ଭଲ। କାରଣ ପ୍ରେମର ଅସଲ ମଜା ଏହି ଲୁଚକାଳି ଖେଳରେ ହିଁ ରହିଛି। ଆମର ଦର୍ଶକାଦୃତ ଓଡ଼ିଆ ସିନେମାର ଗୀତଟିଏ ଅଛି–'ଦେଲେ ଧରା କଥା ସରେ, ଥାଏ ମଜା ଦୂରେ ଦୂରେ..'।

**ପ୍ରଶ୍ନ**–ମୋ ପ୍ରେମିକା କଥା ସବୁବେଳ ଭାବୁଛି। ମୋର ଏହି ଭାବନା କେବେ ସତରେ ପରିଣତ ହେବ କହିବେ କି ସାଥୀ ?

*–ତନ୍ମୟ ପ୍ରଧାନ, ରାଉରକେଲା*

**ଉତ୍ତର:** ଧାଡି ନ ମାନି ଆପଣ ପ୍ରେମରେ ବହୁ ଦୂରକୁ ଉଡି ଯାଇଛନ୍ତି। ପ୍ରେମର ନିଶା ଥରେ ଘାରିଲେ ଭଲ ମନ୍ଦ ଜଣାପଡି ନ ଥାଏ। କିନ୍ତୁ ଏହି ରାସ୍ତାରେ ପାଦ ଦେବା ପୂର୍ବରୁ ପ୍ରତିଟି କଥାକୁ ଆଦୌ ହାଲ୍‌କା ଭାବରେ ନିଅନ୍ତୁ ନାହିଁ। ଯାହାକୁ ମନକୁ ମନ ଭଲ ପାଇ ବସିଛନ୍ତି ତା' କଥା ଭାବି ଦିନ ବିତିଯାଉଛି। ତେଣୁ ସେହି ଭାବନା ରାଇଜରୁ ଯେତେ ଶୀଘ୍ର ନିଜକୁ ଦୂରେଇ ନିଅନ୍ତୁ। ଯାହାକୁ ମନପ୍ରାଣ ଦେଇ ଭଲ ପାଉଛନ୍ତି ତା' ବିଷୟରେ ଯଦି କିଛି ଜାଣିଛନ୍ତି ତେବେ ତାହାକୁ ଆଧାର କରି ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ। ଯଦି ମନ ମାନିଲା ତେବେ ଆପଣଙ୍କ ମନର ମାନସୀକୁ ମନର କଥା କହି ଦିଅନ୍ତୁ। ପାଣିପାଗ ଯଦି ଠିକ୍ ରହେ, ତେବେ ଆପଣଙ୍କ ମନ ଥୟ ହୋଇଯିବ ଏବଂ ତା'ପରେ କେବଳ ଧାଡି ଦେଖି ମାଡିଯିବା କଥା।

**ପ୍ରଶ୍ନ**–ପ୍ରେମ କରିବା ପୂର୍ବରୁ ଅନେକ ଝିଅ ଲାଜ କରନ୍ତି କାହିଁକି ?

*–ଅମନ୍, ଖୋର୍ଦ୍ଧା*

**ଉତ୍ତର:** ଲାଜେଇ ଝିଅର ଆଖିରେ ପ୍ରେମ ଭରି ରହିଥାଏ। ତେଣୁ ତା' ଲାଜକୁ ନେଇ ଆପଣ ଯଦି ଲାଜରେ ଝାଉଁଳି ପଡିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି ? ସେହି ଲାଜକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ସେଥିରୁ ପ୍ରେମର ସୂରାକ ପାଇଲେ ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ**–ମୋ ପ୍ରଥମ ପ୍ରେମକୁ ମୁଁ ଭୁଲି ପାରୁନି। ସେ ସିନା ମୋତେ ଧୋକା ଦେଇ ଚାଲିଗଲା, ହେଲେ ସେ ମୋ ମନରେ ସବୁଦିନ ରହିବ। ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି। ଏ ନେଇ ଆଗେଇବା ଠିକ୍ ହେବ ତ ?

*–ପ୍ରକାଶ, ବଡବିଲ*

**ଉତ୍ତର:** ଗୋଟିଏ ପଟେ ଲେଖିଛନ୍ତି ଯେ ପ୍ରଥମ ପ୍ରେମକୁ ଭୁଲି ପାରୁନି। ସେପଟେ ପୁଣି ଥରେ ପ୍ରେମ ନଈରେ ଡୁବ ପକାଇବାକୁ ମନ ଉତାବିଳା ହେଲାଣି। ଏପରି ଦୁଇ ନାଆରେ ଗୋଡ ଦେଲେ କିଛି ଲାଭ ହେବ ନାହିଁ। ପ୍ରଥମେ ନିଜ ମନକୁ ନିର୍ମଳ ରଖନ୍ତୁ। ଯେଉଁ ପ୍ରେମରେ ଧୋକା ଖାଇଥିଲେ ସେଭଳି ପ୍ରେମକୁ ଯଦି ସବୁବେଳେ ମନେ ପକାଇବେ ତେବେ ତାହ ମନ ଭିତରେ ସେମିତି ଦୁକୁ ଦୁକୁ ହୋଇ ଜଳୁଥିବ ଆଉ ତାହାର ପ୍ରଭାବରେ ନା ଆପଣ ଆଗକୁ ଯିବେ ନା ସେହି ପ୍ରେମକୁ ଭୁଲିପାରିବେ। ତେଣୁ ପ୍ରଥମେ ସେହି ପ୍ରେମରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ଟାଣି ଦିଅନ୍ତୁ। ଯଦି ପୁଣି ଥରେ ପ୍ରେମ କରିବାକୁ ମନ ବଳାଇଛନ୍ତି ତେବେ ଏମିତିକା ପ୍ରେମିକାଟିଏ ଖୋଜନ୍ତୁ ଯିଏ ସାରା ଜୀବନ ଆପଣଙ୍କ ପାଖରେ ରହିଥିବ।

**ପ୍ରଶ୍ନ**–ଜଣେ ସାଙ୍ଗ କଥାରେ ପଡି ଯେଉଁ ଝିଅକୁ ପ୍ରେମ କଲି ସେ ମୋତେ ଅଧା ବାଟରେ ଏମିତି ନାମ ଦେଲା ଯେ ଆଉ ପ୍ରେମ କରିବାକୁ ମନ ହେଉନାହିଁ। ମୁଁ ମୋ ମନକୁ କେମିତି ବଦଳାଇବି କହିବେ କି ସାଥୀ ?

*–ପ୍ରଶାନ୍ତ ନାଥ, କଟକ*


**ଉତ୍ତର:** କାହା ବୁଦ୍ଧିରେ ପଡି ପ୍ରେମ କଲେ ଏମିତି ପରିସ୍ଥିତିର ସାମନା କରିବାକୁ ପଡିଥାଏ। ଆପଣଙ୍କ ସାଙ୍ଗର ସଜେସନ୍‌କୁ ଭଲ ଭାବରେ ପରଖି ନେବାର ଥିଲା। ତାଙ୍କ କଥାରେ ପଡି ଆଗ ପଛ ବିଚାର ନ କରି ଆଗେଇ ଗଲେ। ଆଉ ଅଧା ବାଟରେ ଏମିତି ବୁଦ୍ଧି ଶିଖିଲେ ଯେ ତାହାକୁ ବାଉଳି ହେଉଛନ୍ତି। କଥାରେ ଅଛି 'ଗତସ୍ୟ ଶୋଚନା ନାସ୍ତି'। ତେଣୁ ସେପରି ପ୍ରେମକୁ ଯେତେ ଶୀଘ୍ର ମନରୁ ପାଶୋରି ପକାଇ ନୂଆ ପ୍ରେମ ବିଷୟରେ ଚିନ୍ତା କରନ୍ତୁ ନା !



ସାଥୀ

# ଅପର୍ଣ୍ଣାଙ୍କ ସର୍ଜନା ଦୁନିଆ













**ମ**ଧୁବନୀ ପେଣ୍ଟିଙ୍ଗ୍ ହେଉ କି ପଟ୍ଟଚିତ୍ର ଅବା ଘରସଜ୍ଜା ସାମଗ୍ରୀ କି ଷ୍ଟାଇଲିସ ଇୟର୍ ରିଙ୍ଗ ; ଯାହାକୁ ଦେଖିବେ ଆଖି ଲାଖିଯିବ। ବିଶ୍ୱାସ ହେବନି ଯେ, କେହି ଜଣେ ବିଧିବଦ୍ଧ ପ୍ରଶିକ୍ଷଣ ନ ନେଇ କେବଳ ନିଜ ସଉକରେ ଏସବୁ କରିଛି। କିନ୍ତୁ ଏକଥା ସତ କରି ଦେଖାଇଛନ୍ତି **ଜେ. ଅପର୍ଣ୍ଣା**। ଯିଏକି ଅର୍ଥନୀତି ସ୍ନାତକରେ ବିଶ୍ୱବିଦ୍ୟାଳୟ ଟପ୍ପର୍ ହେବା ସହ ସ୍ୱର୍ଣ୍ଣପଦକ ପାଇଛନ୍ତି। ପରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରି ରାଉରକେଲାର ସୁକୁମାର ରାଜୁଙ୍କୁ ସେ ବିବାହ କରନ୍ତି। ସ୍ୱାମୀ, ପୁଅ, ଝିଅଙ୍କୁ ନେଇ ସଂସାର ଚାଲୁଥିବାବେଳେ ଏହି ସମୟରେ ଚାଲି ଆସେ କରୋନା ଲକ୍‌ଡାଉନ। ସଭିଏଁ ଘର ଭିତରେ ବନ୍ଦ, ସମୟ ସରୁ ନଥିଲା। ଅପର୍ଣ୍ଣା କୁହନ୍ତି, ''ଏହି ସମୟରେ କ'ଣ କରି ସମୟର ସଦୁପଯୋଗ କରିବି ଭାବୁଥିଲି। ଆଗରୁ ମୋର ଡଟ୍ ମଣ୍ଡଲା ଆର୍ଟ ପ୍ରତି ଆଗ୍ରହ ରହିଥିଲା। ତା'ସହିତ ପିଲାବେଳୁ ବିଭିନ୍ନ ହସ୍ତଶିଳ୍ପରେ ବି ମୋର ରୁଚି ଥିଲା। ପିଲାବେଳୁ ମୁଁ ମାଆଙ୍କୁ ଘରକାମ ସାରିବା ପରେ ପ୍ରତିଦିନ କିଛି ନା କିଛି ହସ୍ତଶିଳ୍ପ କରୁଥିବା ଦେଖି ଆସିଛି। ସେ ବହୁତ ଭଲ ଭାବରେ ସିଲେଇ, ଏମ୍ବ୍ରୋଡୋରି କାମ କରି ପାରୁଥିଲେ। ତା' ବ୍ୟତୀତ ଖୁବ ସୁନ୍ଦର ଝୋଟିଚିତା ବି ପକାଉଥିଲେ। ମୁଁ ଓ ମୋ ଭଉଣୀ ତାଙ୍କଠୁ ଏସବୁ ଶିଖିଛୁ। କହିବାକୁ ଗଲେ, ମୋ ମା' ହିଁ ଏ କ୍ଷେତ୍ରରେ ମୋର ପ୍ରେରଣା। ଏବେ ପିଲାମାନେ ଏ ଦିଗରେ ମୋତେ ଉତ୍ସାହିତ କଲେ। ଘର ପାଇଁ କିଛି କିଛି ଛୋଟମୋଟ କଳାକୃତି ତିଆରି କରୁ କରୁ ଏଦିଗରେ ଆହୁରି ଅଧିକ କିଛି କରିବାର ଇଚ୍ଛା ବଢ଼ିଲା। ମୋ ପରିବାର ଓ କେତେଜଣ ବନ୍ଧୁ ବି ଏଥିରେ ମୋତେ ସହଯୋଗ କଲେ। ଗଢ଼ି ଉଠିଲା ମୋ ସ୍ୱପ୍ନର ସର୍ଜନା ମୋ ହସ୍ତକଳା ମାଧ୍ୟମରେ।''

ମଣ୍ଡଲା ଆର୍ଟକୁ ଅଧିକ ଆଦୃତି ଦେବା ପାଇଁ ଆରମ୍ଭ ହୁଏ 'ଲିପିକାର କ୍ରିଏସନ୍ସ'। ଅପର୍ଣ୍ଣାଙ୍କ ଇଚ୍ଛା, ଏହି କଳାଶିକ୍ଷା ପାଇଁ ଆଗ୍ରହୀ ବିଦ୍ୟାର୍ଥୀଙ୍କୁ ସେ ଅନଲାଇନ୍ ଜରିଆରେ ଶିକ୍ଷା ଦେବେ। ଅପର୍ଣ୍ଣା କହନ୍ତି, 'ଆଗକୁ ସ୍ୱପ୍ନ ଅଛି, ମୋର ଏଇ କଳାକୃତି ସବୁକୁ ମୁଁ ଓଡ଼ିଶାର କଳା ଭାବେ ଦେଶ ବିଦେଶରେ ପରିଚିତି ଦେବି'।

କୋଭିଡ ଲକ୍‌ଡାଉନ ସମୟରେ ଅପର୍ଣ୍ଣା ନିଜ ପିଲାଦିନର ଇଚ୍ଛା ପୂରଣ ପାଇଁ ଯେଉଁ ପ୍ରୟାସ ଆରମ୍ଭ କରିଥିଲେ, ତାହା ଏଇ ଚାରି ବର୍ଷ ଭିତରେ ତାଙ୍କୁ ବେଶ୍ ଖ୍ୟାତି ଆଣିଦେବା ସହ ତାଙ୍କ ପାଇଁ ରୋଜଗାରର ମାଧ୍ୟମ ପାଲଟିଛି। ଏଦିଗରେ ଆଗ୍ରହୀ ପିଲାମାନଙ୍କୁ ଶିକ୍ଷା ଦେବା ପାଇଁ ଆଗକୁ ତାଙ୍କର ଯୋଜନା ରହିଛି। କଳାତ୍ମକ ସର୍ଜନା, ଭାବାବେଗ ଏବଂ ସ୍ୱପ୍ନର ସାକାର ରୂପ ନେଇ 'ଲିପିକାର କ୍ରିଏସନ୍ସ'ର ଜନ୍ମ। ଡଟ୍ ମଣ୍ଡଲା ପେଣ୍ଟିଙ୍ଗସଠାରୁ ଆରମ୍ଭ କରି ମଧୁବନୀ ପେଣ୍ଟିଙ୍ଗ୍, ପଟ୍ଟଚିତ୍ର ପେଣ୍ଟିଙ୍ଗ୍ ଇତ୍ୟାଦିରେ ପାରଙ୍ଗମ ଅପର୍ଣ୍ଣାଙ୍କର ହାତ ଅଙ୍କା ଘରସଜ୍ଜା ବସ୍ତୁ, ପୂଜାପାଇଁ ଠାକୁର ଆସ୍ଥାନ, ଧୂପଦାନୀ, ଟି କୋଷ୍ଟର, ଚାବିରିଙ୍ଗ, ଷ୍ଟାଇଲିସ ଇୟର୍ ରିଙ୍ଗ, ନେକ ପିସ, ୱାଲ ଡେକୋର୍ ପିସ୍, ପେନ ଷ୍ଟାଣ୍ଡ, ଫଟୋଫ୍ରେମ, ପାରିବାରିକ ଫଟୋ ସଂଲଗ୍ନ ଫ୍ରିଜ ମ୍ୟାଗନେଟ, ସୋଫା କଭର୍, କୁଶନ କଭର୍, କଳାତ୍ମକ କାନ୍ଥଘଣ୍ଟା, ପର୍ସ, କ୍ଲଚ ବ୍ୟାଗ, କଫି ମଗ୍, ଫ୍ୟାବ୍ରିକରେ ପେଣ୍ଟିଙ୍ଗ ଇତ୍ୟାଦିର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି। କେବଳ ରାଉରକେଲା କି ଓଡ଼ିଶା ନୁହେଁ ଅପର୍ଣ୍ଣାଙ୍କର କଳାକୃତିର ଚାହିଦା ହିମାଚଳ ପ୍ରଦେଶ, ଜମ୍ମୁ କଶ୍ମୀରଠାରୁ ନେଇ ଆନ୍ଧ୍ରପ୍ରଦେଶ, କେରଳ, ମହାରାଷ୍ଟ୍ର, ଦିଲ୍ଲୀ, ପଞ୍ଜାବ, ଚଣ୍ଡିଗଡ଼ ପର୍ଯ୍ୟନ୍ତ ବ୍ୟାପିଛି। ରଥଯାତ୍ରା ଉପଲକ୍ଷେ ସପ୍ତାହକ ଭିତରେ ସେ ଶ୍ରୀଜଗନ୍ନାଥଙ୍କର ଖୁବ୍ ସୁନ୍ଦର ପଟ୍ଟଚିତ୍ର ଅଙ୍କନ କରିଛନ୍ତି, ଯାହା ଅନେକ ଉଚ୍ଚ ପ୍ରଶଂସିତ ହୋଇଛି। ଅପର୍ଣ୍ଣାଙ୍କର ଇଚ୍ଛା, ତାଙ୍କର ଏହି ସର୍ଜନାର ଯାତ୍ରା ଆଗକୁ ଯାଉ ଓ ଓଡ଼ିଶାର କଳାକୃତି ଦେଶବିଦେଶରେ ପରିଚୟ ପାଉ।

*–ମୌସୁମୀ ଦାସ୍*
*ମୋ: ୯୪୩୭୬୫୬୧୨୮*









ପ୍ରାଚୀ

## ହାଃ ହାଃ

### ହୋମୱାର୍କ

ଶିକ୍ଷକ ପପୁକୁ: ହୋମ୍‌ୱାର୍କ କାହିଁକି କରିନୁ ?
ପପୁ: ସାର୍, ମୁଁ ହଷ୍ଟେଲରେ ରହୁଛି ।
ଶିକ୍ଷକ: ସେଥିରେ କ'ଣ ହେଲା ?
ପପୁ: ହଷ୍ଟେଲରେ ହୋମ୍ ୱାର୍କ କେମିତି କରିବି ? ଆପଣ ମତେ ହଷ୍ଟେଲ ୱାର୍କ ଦେଇଥାନ୍ତେ ନା ।

### ଆଖି

ଗ୍ରାହକ: ତମ ଗାଈର ଗୋଟେ ଆଖି ଖରାପ । ତଥାପି ତା'ର ଦାମ ୨୫୦୦୦ ଟଙ୍କା କହୁଛ !
ଚାଷୀ: ଆରେ ଭାଇ, ତମେ ଗାଈକୁ କ୍ଷୀର ପାଇଁ ନେବ ନା ତା' ଆଖିରେ ଆଖି ମିଶେଇ ପ୍ରେମ କରିବ ?

### ଶୁଣିଥିଲେ

ରାଜେଶ: ପିଲାଦିନେ ଯଦି ମୁଁ ମୋ ମା' କଥା ଶୁଣିଥାଆନ୍ତି ତା'ହେଲେ ଆଜି ଏ ଦିନ ଦେଖିବାକୁ ପଡ଼ି ନ ଥାଆନ୍ତା ।
ଗୋବିନ୍ଦ: ତୋ' ମା' କ'ଣ କହୁଥିଲେ କି ?
ରାଜେଶ: କଥା ତ ଶୁଣିନି କେମିତି କହିବି ଯେ, ସେ କ'ଣ କହୁଥିଲେ ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।

# ଓରାଙ୍ଗ ନ୍ୟାସନାଲ ପାର୍କ

ମୁଖ୍ୟତଃ ଭାରତୀୟ ଗଣ୍ଡାମାନଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ହାସଲ କରିଥିବା ଓରାଙ୍ଗ ନ୍ୟାସନାଲ ପାର୍କରେ ପର୍ଯ୍ୟଟକ ଅନ୍ୟାନ୍ୟ ବନ୍ୟପ୍ରାଣୀ ତଥା ଶତାଧିକ ପ୍ରଜାତିର ପକ୍ଷୀଙ୍କୁ ଦେଖବା ସହ ଫଟୋଗ୍ରାଫି ଓ ହାତୀ ପିଠିରେ ବସି ବୁଲିବାର ମଜା ମଧ୍ୟ ନେଇପାରିବେ...





ଆସାମର ଦରରାଙ୍ଗ ଓ ସୋନିତପୁର ଜିଲାର ପରିସୀମାକୁ ଲାଗି ରହିଥିବା ଓରାଙ୍ଗ ନ୍ୟାସନାଲ ପାର୍କ ହେଉଛି ସ୍ଥାନୀୟ ଅଞ୍ଚଳର ଏକ ଲୋକପ୍ରିୟ ବନ୍ୟପ୍ରାଣୀ ଅଭୟାରଣ୍ୟ। ପ୍ରାୟ ୭୯.୨୮ ବର୍ଗ କି.ମି. ପର୍ଯ୍ୟନ୍ତ ପରିବ୍ୟାପ୍ତ ଉକ୍ତ ଅଭୟାରଣ୍ୟରେ ମୁଖ୍ୟତଃ ଭାରତୀୟ ଗଣ୍ଡାମାନଙ୍କୁ ଦେଖିବାକୁ ମିଳିଥାଏ। କେବଳ ଗଣ୍ଡା କାହିଁକି ଏଠାରେ ପର୍ଯ୍ୟଟକ ହାତୀ, ବାଘ ସମେତ ଆହୁରି ଅନେକ ବିରଳ ପଶୁପକ୍ଷୀଙ୍କୁ ମଧ୍ୟ ଦେଖିବାର ସୁଯୋଗ ପାଇପାରିବେ।

### ଇତିହାସ

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ୧୯୦୦ ମସିହା ପର୍ଯ୍ୟନ୍ତ ଏହି ଅଞ୍ଚଳରେ କିଛି ଆଦିବାସୀ ଜନଜାତିର ଲୋକେ ବସବାସ କରୁଥିଲେ। କିନ୍ତୁ ହଠାତ୍ ସେଠାରେ କୌଣସି ମହାମାରୀ ଦେଖାଯିବାରୁ ସେମାନେ ଏହି ସ୍ଥାନଟିକୁ ଛାଡ଼ି ଅନ୍ୟତ୍ର ଚାଲିଗଲେ। ପରେ ୧୯୧୯ ମସିହା ବେଳକୁ ବ୍ରିଟିଶ କଲୋନିଆଲ୍ ଅଥୋରିଟିମାନେ ଏହି ସ୍ଥାନଟିକୁ ନିଜ ଅକ୍ତିଆରକୁ ନେଇ ଏହାକୁ ଓରାଙ୍ଗ ଗେମ୍ ରିଜର୍ଭ ଭାବେ ନାମିତ କଲେ। ହେଲେ ଏହି ଗେମ୍ ରିଜର୍ଭଟି ଷ୍ଟେଟ୍ ଫରେଷ୍ଟ ଡିପାର୍ଟମେଣ୍ଟର ୱାଇଲ୍ଡ ଲାଇଫ୍ ୱିଙ୍ଗ୍‌ର କଣ୍ଟ୍ରୋଲ୍‌ରେ ଆସୁଥିବାରୁ ଏଠାରେ ପରବର୍ତ୍ତୀ ସମୟରେ ପ୍ରୋଜେକ୍ଟ ଟାଇଗର୍ ଉପରେ କାମ କରାଗଲା ଏବଂ ୧୯୮୫ ମସିହା ବେଳକୁ ଏହାକୁ ଏକ ବନ୍ୟପ୍ରାଣୀ ସଂରକ୍ଷଣର ମାନ୍ୟତା ମିଳିଲା। କିନ୍ତୁ ପରେ ୧୯୯୯ ମସିହାରେ ଏହାକୁ ନ୍ୟାସନାଲ୍ ପାର୍କର ମାନ୍ୟତା ଦିଆଗଲା।

### କ'ଣ ଦେଖିବେ

ଓରାଙ୍ଗ ନ୍ୟାସନାଲ ପାର୍କଟି ମୁଖ୍ୟତଃ ଭାରତୀୟ ଗଣ୍ଡାମାନଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ହାସଲ କରିଥିଲେ ହେଁ, ଏଠାରେ ଅନ୍ୟାନ୍ୟ ଜୀବଜନ୍ତୁଙ୍କୁ ମଧ୍ୟ ଦେଖିହୁଏ। ଯେମିତିକି ବାଘ, ହାତୀ, ଜଙ୍ଗଲୀ ଘୁଷୁରି, ହରିଣ, ଜଙ୍ଗଲୀ ମଇଁଷୀ, ବଜ୍ରକାପ୍ତା, ଚିତ୍ରା ବିଲେଇ, ଜଙ୍ଗଲୀ ବିଲେଇ, ବିଲୁଆ ଇତ୍ୟାଦି। ତା'ଛଡ଼ା ପ୍ରାୟ ଶତାଧିକ ପ୍ରଜାତିର ପକ୍ଷୀମାନଙ୍କ ପାଇଁ ଏହା ଏକ ସୁରକ୍ଷିତ ଆବାସସ୍ଥଳୀ କହିଲେ ମଧ୍ୟ ଭୁଲ୍ ହେବନାହିଁ। କାରଣ ଏହି ଅଭୟାରଣ୍ୟ ନିକଟରେ ବ୍ରହ୍ମପୁତ୍ର ନଦୀ ପ୍ରବାହିତ ହୋଇଥିବାରୁ ଏହା ପକ୍ଷୀମାନଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ଶୀତଦିନେ ବି ଏଠାକୁ ବହୁ ଭ୍ରମଣକାରୀ ପକ୍ଷୀ ଆସୁଥିବାର ମଧ୍ୟ ଦେଖିବାକୁ ମିଳେ। ସେହିପରି ଏହି ଅଭୟାରଣ୍ୟ ଭିତରେ ବିଭିନ୍ନ ପ୍ରଜାତିର ସରୀସୃପଙ୍କୁ ଦେଖିବା ପାଇଁ ଏକ ସ୍ୱତନ୍ତ୍ର ଗ୍ୟାଲେରି ବି ତିଆରି କରାଯାଇଛି। ତା'ଛଡ଼ା ଉକ୍ତ ଅଭୟାରଣ୍ୟ ମଧ୍ୟରେ ଥିବା ବିଭିନ୍ନ ପ୍ରକାରର ବୃକ୍ଷଲତା ବି ଏଠାକାର ପରିବେଶକୁ ବେଶ୍ ମନୋରମ କରିଥାଏ। ତେଣୁ ସହରର ଜନଗହଳିପୂର୍ଣ୍ଣ ପରିବେଶରୁ କିଛିକ୍ଷଣ ପାଇଁ ବାହାରି ଆସି ଏଭଳି ଏକ ଶାନ୍ତ ବାତାବରଣରେ ସମୟ କଟାଇବାକୁ ପ୍ରାୟତଃ ପର୍ଯ୍ୟଟକଙ୍କର ଭିଡ଼ ଏଠାରେ ଲାଗିଥାଏ।



### କେବେ ଓ କେମିତି ଯିବେ

ବର୍ଷର ଯେ କୌଣସି ସମୟରେ ଏଠାକୁ ଯିବାର ସୁବିଧା ରହିଛି। ହେଲେ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ଅକ୍ଟୋବରରୁ ମେ' ହେଉଛି ଏଠାକୁ ଯିବା ପାଇଁ ଉପଯୁକ୍ତ ସମୟ। କାରଣ ଏହାପରେ ବର୍ଷାଦିନ ଆସିଯାଏ। ବର୍ଷାରେ ଗଲେ ଏଠାରେ ପଶୁପକ୍ଷୀଙ୍କୁ ନିକଟରୁ ଦେଖିବାରେ ସମସ୍ୟା ଉପୁଜିଥାଏ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି।

### ହାତୀ ପିଠିରେ ବସି ବୁଲିବେ

ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଓରାଙ୍ଗ ନ୍ୟାସନାଲ ପାର୍କରେ ହାତୀ ପିଠିରେ ବସି ବୁଲିବାର ବ୍ୟବସ୍ଥା ରହିଛି। ଜିପ୍ ସଫାରିର ବି ସୁବିଧା ଏଠାରେ ଉପଲବ୍ଧ ଅଛି। ଅବଶ୍ୟ ଏଥିପାଇଁ କିଛି ଶୁଳ୍କ ଦେବାକୁ ହୋଇଥାଏ। ତା'ଛଡ଼ା ଏଠାରେ ଫଟୋଗ୍ରାଫିର ମଜା ମଧ୍ୟ ନେଇହୁଏ।





# ବ୍ଲୁଟୁଥ୍



**ବ୍ଲୁଟୁଥ୍ ଏକ ୱେରଲେସ୍ ଟେକ୍ନୋଲୋଜି। ଯାହାକି ସାରା ପୃଥିବୀରେ ବେଶ୍ ଲୋକପ୍ରିୟ। ତେବେ ଜାଣନ୍ତିକି କମ୍ ରେଞ୍ଜରେ ଥିବା ଡିଭାଇସ୍‌କୁ ଯୋଡ଼ିବା ଲାଗି ବ୍ୟବହାର କରାଯାଉଥିବା ଏହି ଟେକ୍ନଲୋଜିର ନାମ ବ୍ଲୁ ଟୁଥ୍ କାହିଁକି ହେଲା ? ଜାଣନ୍ତୁ ସେ ସମ୍ପର୍କରେ...**





ଦେଖିବାକୁ ଗଲେ ବ୍ଲୁଟୁଥ୍‌ର ଆକ୍ଷରିକ ଅର୍ଥ ହେଉଛି 'ନୀଳ ଦାନ୍ତ' । ଆଉ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଏହି ନୀଳ ଦାନ୍ତ ଆଧାରରେ ହିଁ ଏହି ଟେକ୍ନୋଲୋଜିର ନାମ ବ୍ଲୁଟୁଥ୍ କରାଯାଇଛି । ଏହା ପଛରେ ଅଛି ଏକ ମଜାଦାର କଥା । ଡେନ୍‌ମାର୍କ ଓ ନରୱେରେ ଦଶମ ଶତାବ୍ଦୀ ବେଳକୁ ହେରାଲ୍ଡ ଗୋର୍ମସନ୍ ନାମକ ଜଣେ ରାଜା ଥିଲେ । ଯଦିଓ ତାଙ୍କର ଏହି ଆଧୁନିକ ଟେକ୍ନୋଲୋଜି ସହ କିଛି ବି ସମ୍ପର୍କ ନାହିଁ । ତଥାପି ତାଙ୍କ ନାମାନୁସାରେ ହିଁ ବ୍ଲୁଟୁଥ୍‌ର ନାମକରଣ ହୋଇଛି । ସାରା ପୃଥିବୀରେ ବ୍ୟବହାର କରାଯାଉଥିବା ଏହି ଟେକ୍ନୋଲୋଜି ପ୍ରାୟ ୨୮ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା । ୧୯୯୬ରେ ଯେବେ ଇନ୍‌ଟେଲ, ଏରିକ୍ସନ ଓ ନୋକିଆ ମିଶି ବ୍ଲୁଟୁଥ୍ ଆବିଷ୍କାର କରିଥିଲେ ସେତେବେଳେ ଏହାର ନାମ ଅଫିସିଆଲି ବ୍ଲୁଟୁଥ୍ ରଖାଯାଇ ନ ଥିଲା । ବରଂ ଏହାର ନାମ 'ଇଥରରେଡିଓ ୱାୟର' ଅବା 'ପର୍ସନାଲ ଏରିଆ ନେଟୱର୍କ' ରଖାଯିବାର ଥିଲା । ବ୍ଲୁଟୁଥ ଆବିଷ୍କାର କରିଥିବା ଟିମ୍‌ର ସଦସ୍ୟ ଜିମ୍ କାରଦାକ୍ କିନ୍ତୁ ଏହାର ନାମ ବ୍ଲୁଟୁଥ୍ ରଖିବାକୁ ପରାମର୍ଶ ଦେଇଥିଲେ । ତାଙ୍କ କହିବାନୁଯାୟୀ ଥରେ ସେ ଇତିହାସ ବହି ପଢୁଥିଲେ । ସେହି ବହିର ଏକ ଚରିତ୍ର ତାଙ୍କୁ ବହୁତ ପ୍ରେରଣାଦାୟକ ଲାଗିଥିଲା । ସେହି ଚରିତ୍ରଟି ଥିଲେ ଦଶମ ଶତାବ୍ଦୀର ଡେନମାର୍କର ରାଜା ହେରାଲ୍ଡ ବ୍ଲୁଟୁଥ ଗୋର୍ମସନ । ଏହି ରାଜା ସ୍କାଣ୍ଡିନାଭିଆନ ରାଜ୍ୟଗୁଡିକୁ ଯୋଡିବା ଲାଗି ବେଶ୍ ପ୍ରସିଦ୍ଧ ଥିଲେ। କାରଣ ସେ ଡେନମାର୍କର ପଡ଼ୋଶୀ ରାଜ୍ୟଗୁଡ଼ିକୁ ଯୋଡି ଗୋଟିଏ ରାଜ୍ୟରେ ଏକତ୍ରିତ କରିଥିଲେ। ବ୍ଲୁଟୁଥ ବି ବିଭିନ୍ନ ଡିଭାଇସ୍‌କୁ କନେକ୍ଟ କରିଥାଏ। ତେଣୁ ଏହି ଡିଭାଇସ୍‌ର ନାମକରଣ ତାଙ୍କ ନାମାନୁସାରେ ହେଉ ବୋଲି ଜିମ୍ କାରଦାକ ପରାମର୍ଶ ଦେଇଥିଲେ । ଏହାବାଦ କିଙ୍ଗ ହେରାଲ୍ଡଙ୍କର ଏକ ଦାନ୍ତ ନଷ୍ଟ ହୋଇ ନୀଳ ରଙ୍ଗର ହୋଇଯାଇଥିଲା। ସେଥିପାଇଁ ତାଙ୍କର ଉପନାମ ବ୍ଲୁଟୁଥ୍ ଥିଲା। ଆଉ ଏହି ଉପନାମାନୁସାରେ ହିଁ ଏହି ଡିଭାଇସ୍‌ର ନାମ ବ୍ଲୁଟୁଥ୍ ରଖାଗଲା।

# ଟୟଲେଟ୍ ସିଟ୍ ସଂଗ୍ରହାଳୟ



ସାରା ପୃଥିବୀରେ ଅନେକ ଅଜବ ସଂଗ୍ରହାଳୟ ଅଛି । ତେବେ ଏଠି ଯେଉଁ ସଂଗ୍ରହାଳୟ କଥା କୁହାଯାଉଛି ତାହା ବହୁତ ଭିନ୍ନ ଓ ଖାସ୍ । କାରଣ ଏହା ହେଉଛି ସୁସଜ୍ଜିତ ଟୟଲେଟ୍ ସିଟ୍‌ର ସଂଗ୍ରହାଳୟ । ବାର୍ନି ସ୍ମିଥ୍ ନାମକ ଜଣେ ବ୍ୟକ୍ତି ଏହି ସଂଗ୍ରହାଳୟଟି କରିଛନ୍ତି । ଏହି ସଂଗ୍ରହାଳୟରେ ସେ ବିଭିନ୍ନ ଚିତ୍ର ଓ ଡିଜାଇନ୍‌ର ଟୟଲେଟ୍ ସିଟ୍ ରଖିଛନ୍ତି । ଏଥିରୁ ଅନେକକୁ ସେ ନିଜେ ଡିଜାଇନ୍ କରିଛନ୍ତି । ପ୍ରଥମେ ଉକ୍ତ ସଂଗ୍ରହାଳୟକୁ ସେ ନିଜ ଘରପଛପଟ ଗ୍ୟାରେଜ୍‌ରେ କରିଥିଲେ । ହେଲେ ପରବର୍ତ୍ତୀ ସମୟରେ ସଂଗ୍ରହାଳୟଟିକୁ ସେ ଟେକ୍ସାସ୍‌କୁ ସ୍ଥାନାନ୍ତର କରିଥିଲେ ।



# ଘର କାମ କରିବ ଏହି ରୋବୋ

ଘର କାମ ପାଇଁ ଆଜିକାଲି ପ୍ରାୟ ସମସ୍ତେ ଚାକର ଚାକରାଣୀ ରଖୁଛନ୍ତି। ହେଲେ ସେମାନେ ସବୁ ସମୟରେ ମନ ଦେଇ କାମ କରି ନ ଥାଆନ୍ତି କି ମାଲିକଙ୍କର ସବୁ କଥା ଶୁଣି ନ ଥାଆନ୍ତି। ମନ ଇଚ୍ଛା ଛୁଟିରେ ବି ରୁହନ୍ତି। ଜାଣି ଖୁସି ହେବେ ଏସବୁ ସମସ୍ୟାର ସମାଧାନ ଏବେ ଏକ ରୋବୋ କରିବ। ଏହି ରୋବୋ ସବୁ କାମ ପର୍‌ଫେକ୍ଟ କରିବା ସହ ମାଲିକଙ୍କ ସବୁ କଥା ମାନିବ। ଛୁଟି ବି ନେବନି। ଘରର ସଦସ୍ୟ ପରି ରହି ସବୁ କାମ କରିପାରୁଥିବା ଏହି ରୋବୋକୁ ନର୍‌ୱେର ୧ଏକ୍ସ ନାମକ କମ୍ପାନୀ ତିଆରି କରିଛି। ନିଓ ବିଟା ନାମକ ଏହି ରୋବୋ ପୁରାପୁରି ମଣିଷ ଭଳି। ଏହା ଘର କାମ ସହ ସେବା ଉଦ୍ୟୋଗରେ ବି କାମ କରିପାରିବ। ନିଓର ନିର୍ମାଣ କରିଥିବା କମ୍ପାନୀ ୧ଏକ୍ସର ସିଇଓ ବର୍ନ୍ଟ ବୋର୍ନିଚ କୁହନ୍ତି, 'ଘରେ କାମ କରୁଥିବା ରୋବୋ ଏବେ ଆଉ ସ୍ୱପ୍ନ ହୋଇ ରହିବ ନାହିଁ। କାରଣ ଆମେ ଗଢିଥିବା ନିଓ ନାମକ ରୋବୋ ପାରମ୍ପରିକ କଠୋର ରୋବୋଠୁ ଉନ୍ନତ। ଏହା ମଣିଷମେଳରେ ସୁରକ୍ଷିତଭାବେ କାମ କରିବ। କାହାରି କ୍ଷତି କରିବ ନାହିଁ। ଚଳିତ ବର୍ଷ ଆମେ କିଛି ଘରେ ଏହି ରୋବୋକୁ ଗବେଷଣାତ୍ମକଭାବେ ରଖୁଛୁ। ଭାବୁଛୁ ଏହା ନିଶ୍ଚିତଭାବେ ଭଲ କାମ କରିବ। ଏହାର ଉତ୍ପାଦନ ବହୁ ମାତ୍ରାରେ କରାଯାଉଛି। ଏହାର ମୂଲ୍ୟ ବି ବହୁତ କମ୍ ରହିବ। ତେଣୁ ଆଗାମୀ ଦିନରେ ପ୍ରାୟ ସମସ୍ତଙ୍କ ଘରେ ଏହି ରୋବୋ କାମ କରୁଥିବାର ଦେଖିବାକୁ ମିଳିବ।'


# ଏତେ ଲମ୍ବା ଗୋଡ଼ !

ବ୍ୟାକ୍ ପେଜ୍

ଟେକ୍ସାସ୍, ସେଦାର ପାର୍କର ୧୭ ବର୍ଷୀୟା ମ୍ୟାକି କୁରାନ୍। ତାଙ୍କୁ ଦେଖିଲେ ଲାଗିବ ସତେ ଯେମିତି ସେ ଏକ ଲମ୍ବା ବାଉଁଶ। କାରଣ ଏଇ ବୟସରେ ତାଙ୍କ ଉଚ୍ଚତା ୬ ଫୁଟ ୧୦ ଇଞ୍ଚ। ତାଙ୍କ ଗୋଡଗୁଡିକ ପ୍ରାୟ ଦେଢ଼ ମିଟର ଲମ୍ବା। ବାମ ଗୋଡ଼ଟି ୧୩୫.୨୬୭ ସେ.ମି. ହୋଇଥିବାବେଳେ ଡାହାଣ ଗୋଡ ୧୩୪.୩ ସେ.ମି. ଲମ୍ବ। ଦୁଇଟି ଯାକ ଗୋଡ ତାଙ୍କ ଶରୀର ଉଚ୍ଚତାର ୬୦% ଅଟେ। ଏତେ ଲମ୍ବା ହୋଇଥିବାରୁ ତାଙ୍କୁ ଅନେକେ ଥଟ୍ଟା ପରିହାସ କରନ୍ତି। ହେଲେ ମ୍ୟାକି ନିଜର ଲମ୍ବା ଲମ୍ବା ଗୋଡ଼ ତଥା ଡେଙ୍ଗା ଶରୀରକୁ ଈଶ୍ୱରଙ୍କ ବରଦାନ ବୋଲି ମନେକରନ୍ତି। ଯଦିଓ ଏହାପାଇଁ କୌଣସି ଘରର ଦ୍ୱାର ଭିତରେ ପଶିବା, କାର୍‌ରେ ବସିବା କଷ୍ଟକର ହୁଏ। ପୋଷାକ ଫିଟ୍ ହୁଏନା। ତେବେ ଏହାର ଅନେକ ଉପକାରିତା ବି ଅଛି। ଏହି ଉଚ୍ଚତା ତାଙ୍କୁ ସ୍କୁଲ ଭଲିବଲ୍ ଟିମ୍‌ରେ ଭଲ ଖେଳିବାରେ ସାହାଯ୍ୟ କରେ। ମ୍ୟାକିଙ୍କ ପରିବାରରେ ସମସ୍ତେ ଡେଙ୍ଗା। ହେଲେ ମ୍ୟାକିଙ୍କ ଭଳି ଅସ୍ୱାଭାବିକ ଡେଙ୍ଗା କେହି ନୁହନ୍ତି। ଏହି ଲମ୍ବା ଲମ୍ବା ଗୋଡ଼ ପାଇଁ ସେ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସବୁଠାରୁ ଲମ୍ବା ଗୋଡ଼ଥିବା କିଶୋରୀ ଓ ସବୁଠାରୁ ଲମ୍ବା ଗୋଡ ଥିବା ମହିଳାଭାବେ ରେକର୍ଡ କରିଛନ୍ତି। ଆଗାମୀ ଦିନରେ ସେ ସବୁଠାରୁ ଡେଙ୍ଗା ପେସାଦାର ମଡେଲର ରେକର୍ଡ କରିବାକୁ ଇଚ୍ଛା ରଖିଛନ୍ତି।







# ସୁନାଚେନ୍‌ର କେଶ

ଆଜିକାଲି ନାନା ପ୍ରକାରର ହେୟାର ଷ୍ଟାଇଲ ଲୋକେ କରୁଛନ୍ତି। ଖାସ୍‌କରି ସେଲିବ୍ରିଟି ଯେଉଁଭଳି ହେୟାରଷ୍ଟାଇଲ କରନ୍ତି ସାଧାରଣ ଲୋକେ ତାକୁ ଅନୁକରଣ କରନ୍ତି। ମେକ୍ସିକୋର ର୍‍ୟାପର୍ ଦାନ୍ ସୁର୍‌ଙ୍କ ହେୟାରଷ୍ଟାଇଲ୍ ଏବେ ବେଶ୍ ଚର୍ଚ୍ଚାରେ। କାରଣ ତାଙ୍କ ହେୟାରଷ୍ଟାଇଲ ସମ୍ପୂର୍ଣ୍ଣ ଅଲଗା। ବୋଧହୁଏ ଏଭଳି ହେୟାରଷ୍ଟାଇଲ ଆଉ କେହି କରି ନ ଥିବେ। କଥା କ'ଣ କି ସେ ନିଜର ପ୍ରାକୃତିକ କେଶ ସ୍ଥାନରେ ସୁନାର ଚେନ୍ ଟ୍ରାନ୍ସପ୍ଲାଣ୍ଟ କରାଇଛନ୍ତି। ସାଧାରଣତଃ ର୍‍ୟାପର୍‌ମାନଙ୍କର ଭିନ୍ନ ଷ୍ଟାଇଲ୍ ସମସ୍ତଙ୍କୁ ଆକର୍ଷିତ କରିଥାଏ। ହେଲେ ଦାନ୍ ସୁର୍ ଅନ୍ୟମାନଙ୍କଠୁ ଭିନ୍ନ ହେବା ଲାଗି ଏଭଳି ଏକ ପନ୍ଥା ଆପଣେଇଲେ। ଆଉ ନିଜର ସୁନ୍ଦର କେଶ ସ୍ଥାନରେ ସୁନା ଚେନ୍‌ର କେଶ ପ୍ରତିରୋପଣ କରି ସାରା ପୃଥିବୀରେ ଚର୍ଚ୍ଚିତ ହେଲେ। ଖପୁରି ଉପର ଚର୍ମରେ ହୁକ୍ ଓ ଚର୍ମ ଭିତରେ ହୁକ୍ ଲଗାଇ ଏହି ଚେନ୍ ସବୁ ପ୍ରତିରୋପଣ କରାଯାଇଛି। ଏଭଳି ପ୍ରତିରୋପଣରେ ସଂକ୍ରମଣ, ଖପୁରିରେ ଜ୍ୱଳନର ଆଶଙ୍କା ରହିଛି। ଏହା ଆଦୌ ନିରାପଦ ନୁହେଁ ବୋଲି ପ୍ଲାଷ୍ଟିକ୍ ସର୍ଜନ ମଧ୍ୟ କହୁଛନ୍ତି। ଏହାଦ୍ୱାରା ବାହାରର ବ୍ୟାକ୍ଟେରିଆ ସହଜରେ ଶରୀରକୁ ପ୍ରବେଶ କରିପାରିବେ। ତା'ସହ ଖପୁରି ଚର୍ମ ତଳେ ଥିବା ହୁକ୍ ଓଜନିଆ ଚେନ୍‌କୁ ଧରି ରଖିଥିବାରୁ ଖପୁରିରେ ଫ୍ରାକ୍ଚର ହୋଇପାରେ। ଅବା ପରମାନେଣ୍ଟ ହେୟାର୍ ଲସ୍ ବି ହୋଇପାରେ। ଏତେସବୁ ରିସ୍କ ଥାଇ ବି କେବଳ ଭିନ୍ନ ଲୁକ୍ ପାଇବା ପାଇଁ ସେ ଏଭଳି କରିବାକୁ ପଛେଇଲେ ନାହିଁ।